## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଖଇରା,୧୦।୮(ଡି.ଏନ.ଏ.)- ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ ବରପଦା ଛକ ନିକଟରେ ଶୁକ୍ରବାର ରାତିରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି । ମୃତ ବାଇକ ଆରୋହୀ ହେଲେ ଖଇରା ଥାନା ଅଧୀନ ମନୋହରପୁର ଗ୍ରାମର କାଳିଆ ମଣ୍ଡଳ। କାଳିଆ ନିଜ ବାଇକରେ ତୁଡିଗଡଆରୁ ଝାଟିଆ ଅଭିମୁଖେ ଯାଉଥିବା ବେଳେ ବରପଦା ଛକ ନିକଟରେ ଖଇରା ଥାନା ପକ୍ଷରୁ ତୁଡିଗଡିଆରେ ଡ୍ୟୁଟି କରୁଥିବା ହୋମଗାର୍ଡ ହେମନ୍ତ ମହାପାତ୍ରଙ୍କ ସହ ଧକ୍କା ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସୋର ଥାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ କାଳିଆଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ଜଳଦା ପଞ୍ଚାୟତ କାର୍ଯ୍ୟାଳୟରୁ ପୁଣି ଚୋରି

ଖଇରା,୧୦।୮(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଜଳଦା ପଞ୍ଚାୟତ କାର୍ଯ୍ୟାଳୟରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି । ମହିଳା ମହାସଂଘର ସଭାପତି ମିନତୀ ନାୟକଙ୍କ ଲିଖିତ ଅଭିଯୋଗ ପରେ ଖଇରା ଥାନା ଏଏସ୍ଆଇ ବାସୁଦେବ ମହାନ୍ତି ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରିଛନ୍ତି । ଚୋରମାନେ ବିଭିନ୍ନ କୋଠରୀର ୯ଟି ତାଲା ଭାଙ୍ଗିଥିବା ବେଳେ ମହିଳା ମହାସଂଘ କାର୍ଯ୍ୟାଳୟରେ ଥିବା ଏକ କ୍ୟାମେରା ଓ କିଛି ଚେକବୁକ ନେଇ ପଳାଇଥିବାର କୁହାଯାଉଛି । ଏହା ପୂର୍ବରୁ ୪ଥର କାର୍ଯ୍ୟାଳୟରୁ ଚୋରି ହୋଇ ସାରିଲାଣି। କେତେକ ନିଶାସକ୍ତ ଯୁବ ଗୋଷ୍ଠୀ ପଞ୍ଚାୟତ କର୍ତ୍ତୃପକ୍ଷକୁ ବଦନାମ କରିବାକୁ ଏଭଳି ଉଦ୍ୟମ କରୁଥିବାର ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି ।

### ସିପିଆଇ, ସିପିଆଇ(ଏମ୍) ପକ୍ଷରୁ ପ୍ରତିବାଦ

ବାଲେଶ୍ୱର ଅଫିସ,୧୦।୮- ସମ୍ବିଧାନର ୩୭୦ଧାରା ଓ ୩୫(କ) ଉଚ୍ଛେଦ ପରେ କେନ୍ଦ୍ର ସରକାରଙ୍କ ତରଫରୁ ସେଠାରେ ସ୍ୱାଭାବିକ ଜୀବନଯାତ୍ରା ପ୍ରଭାବିତ ହୋଇ ନ ଥିବାର କୁହାଯାଉଛି। ସିପିଆଇ ସମ୍ପାଦକ ଡି. ରାଜା ଓ ସିପିଆଇ (ଏମ୍)ର ସମ୍ପାଦକ ସୀତାରାମ ୟେଚ୍ୟୁରୀ ଗତ ୨ ଦିନ ତଳେ ଜମ୍ମୁକଶ୍ମୀରକୁ ଗସ୍ତ କରିବା ସମୟରେ ଶ୍ରୀନଗର ବିମାନ ବନ୍ଦରରେ ସ୍ଥାନୀୟ ସୁରକ୍ଷାକର୍ମୀ ଅଟକ ରଖି ଦିଲ୍ଲୀକୁ ଫେରାଇ ଦେଇଥିଲେ। ଏହାକୁ ବାମପନ୍ଥୀ ଦଳମାନେ ଦୃଢ଼ ବିରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ଫାଣ୍ଡି ଛକ ପାର୍ଶ୍ୱରେ ସିପିଆଇ ଏବଂ ସିପିଆଇ (ଏମ୍)ର କର୍ମୀ ଓ ସମର୍ଥକମାନେ ମୁହଁରେ କଳାକପଡ଼ା ବାନ୍ଧି ଶନିବାର ନୀରବ ପ୍ରତିବାଦ ଜଣାଇଥିଲେ। ସ୍ୱାଧୀନ ଭାରତରେ ଜଣେ ନାଗରିକ ମୁକ୍ତ ଭାବେ ବିଚରଣ କରିବାର ସାମ୍ବିଧାନିକ ଅଧିକାରକୁ କେନ୍ଦ୍ର ସରକାର ହତ୍ୟା କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି। ଦୁଇ ବାମପନ୍ଥୀ ଦଳ ତରଫରୁ ନିର୍ମଳ ନାୟକ, ଭାଗବତ ପ୍ରତିହାରୀ, ପ୍ରେମରଞ୍ଜନ ପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ନିକୁଞ୍ଜ ବସନ୍ତ ରାୟ, ଶ୍ୟାମସୁନ୍ଦର ଜେନା, ଏମ୍‌କେଡି ମଜୁମଦାର, ରାମ ବେହେରା, ରାଜେଶ ନାୟକ ଓ ଶରତ ଦଳାଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ତାଳସାରୀ-ଉଦୟପୁର ବିକାଶ ପାଇଁ ମାଷ୍ଟରପ୍ଲାନ

- ଖର୍ଚ୍ଚ ହେବ ୧ଶହ କୋଟି
- ସ୍ଥିତି ଅନୁଧ୍ୟାନ କଲା ପର୍ଯ୍ୟଟନ ବିଭାଗ
- ୫୦ ଏକର ଜାଗା ଦେବ ବନବିଭାଗ

ଭୋଗରାଇ, ୧୦।୮(ଡି.ଏନ.ଏ.)


ପର୍ଯ୍ୟଟନ କେନ୍ଦ୍ରର ବିକାଶ ନିମନ୍ତେ ସମୀକ୍ଷା କରାଯାଉଛି।

ବାଲେଶ୍ୱର ଜିଲା ଭୋଗରାଇର ଉଦୟପୁର-ତାଳସାରୀ ବେଳାଭୂମି ପର୍ଯ୍ୟଟନ କେନ୍ଦ୍ର ବିକାଶ ନିମନ୍ତେ ୧ଶହ କୋଟି ଟଙ୍କା ବ୍ୟୟ ହେବା ନେଇ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହୋଇ କାର୍ଯ୍ୟକାରୀ କରାଯାଉଥିବା ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ମିଳିଛି। ରାଜ୍ୟ ପର୍ଯ୍ୟଟନ ବିଭାଗର ଉଚ୍ଚପଦାଧିକାରୀମାନେ ଶନିବାର ଏହି ବେଳାଭୂମିକୁ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ ଓ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି। ଉଦୟପୁରସ୍ଥିତ ତାଳସାରୀ ମେରାଇନ ଥାନା ପରିସରରେ ଆୟୋଜିତ ବୈଠକକୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ ପରିଚାଳନା କରିଥିଲେ। ଭୋଗରାଇ ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ପୂର୍ବ ଓ ପରିସ୍ଥିତି ସମ୍ପର୍କରେ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ବିଧାୟକ ଦାସ ସମୀକ୍ଷା ବୈଠକରେ ଅବଗତ କରାଇଥିଲେ। ପର୍ଯ୍ୟଟନର ବିକାଶ ପାଇଁ ବନବିଭାଗ ୫୦ ଏକର ସମୁଦ୍ର ବେଳାଭୂମି ଜାଗାକୁ ଖୁବଶୀଘ୍ର ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରିବ ବୋଲି ବିଧାୟକ ସୂଚନା ଦେଇଥିଲେ। ତାଳସାରୀରେ ଉଜ୍ଜ୍ୱଳ ଆଲୋକ, ମେରାଇନ୍ ଡ୍ରାଇଭ୍, ଫୁଟ୍‌ବ୍ରିଜ, ପାର୍କର ନବୀକରଣ ସହ ବହୁ କାର୍ଯ୍ୟ ସରକାର ହାତକୁ ନେଇଥିବାର ସେ ସୂଚନା ଦେଇଥିଲେ। ସମୀକ୍ଷା ବୈଠକରେ ଟୁରିଜିମ୍ ଡାଇରେକ୍ଟର ନିର୍ମଳ ଚନ୍ଦ୍ର ମିଶ୍ର, ଡିଭିଜୋନାଲ ମ୍ୟାନେଜର ଫାଇନାନ୍ସ ପ୍ରଣବ କୁମାର ଚାନ୍ଦ, ସେଚ ବିଭାଗର ଏକ୍ସକ୍ୟୁଟିଭ୍ ଇଂ. ସଞ୍ଜୟ କୁମାର ମଲ୍ଲିକ, ଏସ୍‌ଡିଓ ପ୍ରିୟବ୍ରତ ସିଂ, ବିଇପିଡ଼ିବିଏମ୍ କୌଶିକ୍ ମହାନ୍ତି, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ୍ ଦୀପକ କୁମାର ଦାସ, ଜିଲାପରିଷଦ ସଦସ୍ୟ ଦେବାଶିଷ ଚାନ୍ଦ, ସରପଞ୍ଚ ତପନ କୁମାର ପଣ୍ଡା ସହ ବହୁ ଜନନେତା ଓ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
# ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଦାବିରେ କଂଗ୍ରେସର ପଦଯାତ୍ରା



ପଦଯାତ୍ରାରେ ବାହାରିଥିବା କଂଗ୍ରେସ ନେତା ଓ କର୍ମୀ।

ବାଲିଆପାଳ, ୧୦।୮(ଡି.ଏନ.ଏ.)

ବାଲିଆପାଳ ଇଡକୋ ଛକ ରାଜଧାନୀ ଢାବାରେ ଜଣେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଦାବିରେ ଶନିବାର ବ୍ଲକ କଂଗ୍ରେସ କମିଟି ତରଫରୁ ପଦଯାତ୍ରା କରାଯାଇଛି। ଏହି ପଦଯାତ୍ରା ଖଗଡାପାଳ ମହାଦେବ ମନ୍ଦିର ପରିସରରୁ ବାହାରି ସିମୁଳିଆ ଦୈନିକ ମାର୍କେଟ, ବ୍ଲକ ଛକ, ପାରୁଳିଆ ଛକ ବଜାର, ଜାମକୁଣ୍ଡା ଛକ ବଜାର ଅତିକ୍ରମ କରି ବାଲିଆପାଳ ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ପଦଯାତ୍ରୀମାନେ ବିଭିନ୍ନ ପ୍ଲାକାର୍ଡ ଧରି ଯାଉଥିବା ବେଳେ ସରକାର ବିରୋଧୀ ଧ୍ୱନି ଦେବା ସହିତ ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଲାଗି ଦାବି ସ୍ଲୋଗାନ ଦେଇଥିଲେ। ବସଷ୍ଟାଣ୍ଡଠାରେ ସମବେତ ଦଳୀୟ କର୍ମୀମାନଙ୍କୁ ବରିଷ୍ଠ କଂଗ୍ରେସ ନେତା ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜନ କୁମାର ନାୟକ ଓ ଅରୁଣ କୁମାର ଜେନା ଉଦ୍‌ବୋଧନ ଦେଇଥିଲେ। ପୋଲିସ ପ୍ରଶାସନର ଅପାରଗତା ପାଇଁ ଦଳ ରାଜରାସ୍ତାକୁ ଓହ୍ଲାଇଛି ବୋଲି ସେମାନେ କହିଥିଲେ। ଦଳର ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସେନାପତି, ଦେବ କୁମାର ଦେ, ସପନ ଦାସ, ବିଜୟ ଗିରି, ଜଗନ୍ନାଥ ବିଶ୍ୱାଳ, ମୁରଲୀମୋହନ ସାହୁ, ନରହରି ଜେନା, ରାମରଞ୍ଜନ ରାଉତ, ରାମଚନ୍ଦ୍ର ସେନାପତି, ଅଶ୍ୱିନୀ ଦାସ, ଚାରୁଚନ୍ଦ୍ର ଦେ, ତୀର୍ଥ ନାଗ, ଭବେଶ ପ୍ରଧାନ ପ୍ରମୁଖ ଶତାଧିକ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# ପର୍ଯ୍ୟଟନ କ୍ଷେତ୍ର କୁପାରୀକୁ ପ୍ରଦୂଷଣମୁକ୍ତ ଲାଗି ପ୍ରୟାସ

## ଅଣ୍ଟା ଭିଡିଲେ ବିଭିନ୍ନ ସଙ୍ଗଠନ

ଖଇରା, ୧୦।୮(ଡି.ଏନ.ଏ.)


ସ୍ୱଚ୍ଛ କୁପାରୀ ଗଠନରେ ସାମିଲ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ।

୧୯୯୯ ମସିହାରୁ କୁପାରୀକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ମାନ୍ୟତା ମିଳିଛି ସତ, ହେଲେ ସେଭଳି କିଛି ଆଖିଦୃଶିଆ ପ୍ରଗତି ହୋଇପାରିନାହିଁ। ଏଭଳିକି ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ପରିଚିତ ଏହି ପୀଠକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସରକାରୀ ବା ବେସରକାରୀ ସ୍ତରରେ କୌଣସି ଉଦ୍ୟମ କରାଯାଇ ନ ଥିଲା । ଏହି କ୍ଷେତ୍ରକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ କରିବାକୁ ସ୍ଥାନୀୟ କୁପାରୀ ମହାବିଦ୍ୟାଳୟର ବାଳିକା ଓ ବାଳକ ବିଭାଗର ଏନଏସ୍‌ଏସ୍ ୟୁନିଟ, କୁପାରୀ ବଣିକ ସଂଘ, ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘ ଓ କୁପାରୀ ପଞ୍ଚାୟତ କର୍ତ୍ତୃପକ୍ଷ ଅଣ୍ଟା ଭିଡିଛନ୍ତି । ୯ ତାରିଖରୁ କୁପାରୀ ବଜାରର ବିଭିନ୍ନ ପୁରାତନ ମନ୍ଦିର ଓ ମଠ, ବୌଦ୍ଧ ଓ ଜୈନ କୀର୍ତ୍ତି ନିକଟରେ ଆବର୍ଜନା ହଟାଇବା ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁସ୍ଥ ପରିବେଶ ଗଠନ ସମ୍ପର୍କରେ ସଚେତନ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ୭ ଦିନ ମଧ୍ୟରେ ଉପରୋକ୍ତ ୪ଟି ସଂସ୍ଥାର ସ୍ୱେଚ୍ଛାସେବୀ, ଅଧିକାରୀ, ଲୋକପ୍ରତିନିଧିମାନେ ଏକତ୍ର ଭାବେ ସମଗ୍ର କୁପାରୀ ଅଞ୍ଚଳକୁ ଆବର୍ଜନା ମୁକ୍ତ କରିବେ । ବ୍ୟବସାୟୀମାନଙ୍କୁ ମଧ୍ୟ ସଚେତନ କରାଯିବ । ପରବର୍ତ୍ତୀ ସମୟରେ ଯେଉଁମାନେ ଏହାକୁ ଠିକ ଭାବେ ପାଳନ କରିବେ ସେମାନଙ୍କ ପାଇଁ ପୁରସ୍କାର ବ୍ୟବସ୍ଥା, ଅମାନ୍ୟକାରୀଙ୍କୁ ଦଣ୍ଡ ବ୍ୟବସ୍ଥା ଲାଗୁ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିବା ନେଇ କାର୍ଯ୍ୟକ୍ରମର ସଂଯୋଜକ ବିଶ୍ୱରଞ୍ଜନ ମହାପାତ୍ର କହିଛନ୍ତି। ସମ୍ପର୍କରେ ସାଧାରଣ ଲୋକଙ୍କ ଅବଗତ ପାଇଁ ଏକ ବୋର୍ଡ ଲଗାଯାଇଛି। କୁପାରୀ ମହତାବ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ବାଳିକା ବିଭାଗ ମୁଖ୍ୟ ମାଳତୀଲତା ହାତୀ, ବାଳକ ବିଭାଗ ମୁଖ୍ୟ ଦୀପକ କୁମାର ଦାସ, କୁପାରୀ ପଞ୍ଚାୟତ ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ, ବ୍ଲକ ଉପାଧ୍ୟକ୍ଷ ଜୟନ୍ତ ରାଉତ, ଡ୍ରାଇଭର ସଂଘର ସଭାପତି ବସନ୍ତ ଜେନା ଓ ସମ୍ପାଦକ ରମେଶ ସାମଲ,ବଣିକ ସଂଘର ସଭାପତି ଅଶୋକ କୁମାର ଗୁପ୍ତା, ଶରତ ବିଶ୍ୱାଳ,ଭଗବାନ ସାହୁ ପ୍ରମୁଖ ଏହି ସଚେତନତା କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି ।

## ସଦର ବ୍ଲକର ପୂର୍ବତନ ବିଜେଡି ସଭାପତି ନିଲମ୍ବିତ

ରୂପସା, ୧୦।୮(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକର ପୂର୍ବତନ ବିଜେଡି ସଭାପତି ତଥା ହଳଦୀପଦାର ପୂର୍ବତନ ସରପଞ୍ଚ ରାଧାକୃଷ୍ଣ ଜେନାଙ୍କୁ ଗତ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟରେ ସମ୍ପର୍କ ଥିବାରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଗତ ସାଧାରଣ ନିର୍ବାଚନରେ ତାଙ୍କର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ବିରୋଧୀ ଭାଜପା ସହ ସମ୍ପର୍କ ଦ୍ୱାରା ଦଳକୁ କ୍ଷତିଗ୍ରସ୍ତ ହେବାର ଲକ୍ଷଣ ପରିଲକ୍ଷିତ ହୋଇଥିଲା । ଦଳ ବିରୋଧୀ କାର୍ଯ୍ୟ ପାଇଁ ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ପରାମର୍ଶ ଓ ନିର୍ଦ୍ଦେଶକ୍ରମେ ପୂର୍ବତନ ସଦର ବ୍ଲକ ସଭାପତି ଜେନାଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବନ କରାଯାଇଥିବା ବିଜେଡି ସଦର ବ୍ଲକ ସଭାପତି ନାରାୟଣ ପ୍ରଧାନ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ସ୍କୁଟିରେ ମଦ ଚୋରାଚାଲାଣ, ୪ ଗିରଫ

ସୋର, ୧୦।୮(ଡି.ଏନ.ଏ.)

ଜିଲା ଭ୍ରାମ୍ୟମାଣ ୟୁନିଟ୍ ଅଧିକାରୀ ଉଦେଲାଲ ନାୟକ ଓ ସୋର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ମହାରଣା ମିଳିତ ଭାବେ ସିମୁଳିଆ ଥାନା ଅଞ୍ଚଳରେ ଚଢ଼ାଉ କରି ବିପୁଳ ଚୋରା ମଦ ଜବତ କରିବା ସହ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସିମୁଳିଆ ଥାନା ଅଧୀନ ଟେକ୍ ଚନ୍ଦନପୁର ଗ୍ରାମର ସୁମନ୍ତ ଦଲେଇଙ୍କଠାରୁ ୭୦ ଲିଟର ଦେଶୀ ସହ ୧୮ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଚୋରା ଚାଲାଣରେ ବ୍ୟବହାର ହେଉଥିବା ଏକ ସ୍କୁଟି ଜବତ କରାଯାଇଛି। ନରଣପୁର ଗ୍ରାମର କମଳାକାନ୍ତ ଦାସଙ୍କଠାରୁ ୩୦ ଲିଟର ଦେଶୀ, ଗରସଙ୍ଗ ଗ୍ରାମର ଗଗନ ବିହାରୀ ବେହେରା ଓ ଗଙ୍ଗାଠାରୁ ୨ ଶହ ଲିଟର ଦେଶୀ ଓ ୭ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ କେସ୍ ନଂ . ୩୫, ୩୬ ଓ ୩୭/୨୦୧୯-୨୦ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଶନିବାର ସୋର ପୋଲିସ ଛତ୍ରପୁର ଗ୍ରାମରେ ଥିବା ଘରୋଇ ବିଦ୍ୟାଳୟ ପଛପଟରୁ ୩ ଶହ ଲିଟର ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

# ଗୋରୁଙ୍କୁ ଅଜଣା ରୋଗ
# ରକ୍ତ ନମୁନା ସଂଗ୍ରହ କଲେ ଏଡିଆରଆଇ ଟିମ୍

ଖଇରା, ୧୦।୮(ଡି.ଏନ.ଏ.)


ଗୋରୁ ମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଉଛି ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କବର ତଥା ଅନ୍ୟ କିଛି ଗ୍ରାମରେ ଅଜଣା ରୋଗରେ ଗୋରୁମାନେ ଆକ୍ରାନ୍ତ ହେବା ଓ ମୃତ୍ୟୁବରଣ କରିବା ପରେ ଭୁବନେଶ୍ୱର ଫୁଲନଖରାସ୍ଥିତ ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନ (ଏଡିଆରଆଇ) ପକ୍ଷରୁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଗୋପାଳକମାନଙ୍କୁ ଏ ସମ୍ପର୍କରେ ଆବଶ୍ୟକ ପରାମର୍ଶ ଦିଆଯାଇଛି । ଗୁରୁବାର ଉକ୍ତ ପ୍ରତିଷ୍ଠାନର ଅତିରିକ୍ତ ନିର୍ଦ୍ଦେଶକ ଡା. ଉମ୍ବରୁଧର ତରେଇ, ଡା. ଚନ୍ଦ୍ରମୋହନ ମହାନ୍ତି, ଖଇରାର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ରଘୁନାଥ ସିଂ, କୁପାରୀର ପ୍ରାଣୀଧନ ନିରୀକ୍ଷକ ସୁଧାକର ନାୟକ କବର ଗ୍ରାମକୁ ଯାଇ ଗୋରୁଗୁଡ଼ିକୁ ଦେଖିବା ସହ ରକ୍ତ ନମୁନା ସଂଗ୍ରହ କରି ଚିକିତ୍ସା ସମ୍ପର୍କରେ ଗୋପାଳକମାନଙ୍କୁ ପ୍ରତିଷେଧକ ସମ୍ପର୍କରେ ଅବଗତ କରାଇଥିଲେ । ଏହା ଲୁମ୍ପି ସ୍କିନ ବା ଚର୍ମରୋଗ ବୋଲି ଡାକ୍ତରମାନେ ପ୍ରାଥମିକ ଆକଳନରୁ ପ୍ରକାଶ କରିଥିଲେ। ପ୍ରକାଶଥାଉ କି, ଉକ୍ତ ରୋଗ ସମ୍ପର୍କରେ ଗୋପାଳକମାନେ ଆତଙ୍କିତ ହେଉଥିବା ଖବର ଧରିତ୍ରୀରେ ୫ ତାରିଖରେ ପ୍ରକାଶ ପାଇବା ପରେ ଉକ୍ତ ଟିମ୍ ତତ୍ପରତା ପ୍ରକାଶ କରିବା ସହ ଖଇରା ବ୍ଲକ ଗସ୍ତ କରିଥିଲେ ।

## କ୍ରିକେଟ୍ ପାଇଁ କ୍ରୀଡ଼ାବିତ୍ ଚୟନ ଶିବିର

ବାଲେଶ୍ୱର ଅଫିସ,୧୦।୮

ବାଲେଶ୍ୱର ଜିଲାରେ ସିନିୟର ଏବଂ ୨୩ ବର୍ଷରୁ କମ୍ ବାଳକ କ୍ରିକେଟ୍ ପାଇଁ ଆସନ୍ତା ୧୩ ଏବଂ ୧୪ ତାରିଖରେ ଜିଲା ପରମିଟ ପଡ଼ିଆରେ ପୂର୍ବାହ୍ନ ୭ଟାରୁ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ଏନେଇ ଜିଲା କ୍ରୀଡ଼ାସଂଘର ସମ୍ପାଦକ ଅଭୟ ମହାପାତ୍ର ଶନିବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

ଜିଲାର ଇଚ୍ଛୁକ ଖେଳାଳିମାନେ ଆସନ୍ତା ୧୨ ତାରିଖରେ ଆଫିଡେଭିଟ, ଜନ୍ମ ପ୍ରମାଣପତ୍ର, ସ୍କୁଲ, କଲେଜ ଲିଭିଙ୍ଗ ସାର୍ଟିଫିକେଟ୍, ପାସ ସାର୍ଟିଫିକେଟ୍ ସହିତ ୩ବର୍ଷର ମାର୍କସିଟ୍, ଆଧାର କାର୍ଡ଼, ପାନ୍ କାର୍ଡ଼, ସ୍କୁଲ, କଲେଜ ପ୍ରମାଣ ପତ୍ର ଓ ଯେଉଁ ପ୍ରତିଯୋଗୀ ଜିଲା, ରାଜ୍ୟ ବାହାରେ ଜନ୍ମଗ୍ରହଣ କରିଛନ୍ତି ସେମାନଙ୍କୁ ଅତି କମ୍‌ରେ ୧ବର୍ଷ ଜିଲା/ ରାଜ୍ୟରେ ଅବସ୍ଥାନ କରୁଥିବା ପ୍ରମାଣପତ୍ର ସହିତ ଉପସ୍ଥିତ ରହିବେ। ପୂର୍ବାହ୍ନ ୭ଟା ସମୟରେ ପରମିଟ୍ ପଡ଼ିଆରେ ଖେଳାଳିମାନେ ଜଗତ ରଞ୍ଜନ ଦାସ, ରାଜେଶ ଶର୍ମା ଓ ଯୁଗ୍ମ ସମ୍ପାଦକ (କ୍ରିକେଟ୍) ସୁଜୟ ଆଚାର୍ଯ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ସ୍ଥିର କରାଯାଇଛି।

## ନିଖିରା ଦୁର୍ଗାପୂଜା କମିଟି ସଭାପତିଙ୍କ ସ୍ମୃତିଚାରଣ

ବାଲିଆପାଳ,୧୦।୮(ଡି.ଏନ.ଏ.)

ବାଲିଆପାଳ ବ୍ଲକ ନିଖିରା ଦୁର୍ଗାପୂଜା କମିଟି ସଭାପତି ମହେନ୍ଦ୍ର ପାତ୍ର ଓ କମିଟିର ସଦସ୍ୟ ବରେନ୍ଦ୍ର ଜେନାଙ୍କ ଅକାଳ ବିୟୋଗରେ ଶନିବାର ନିଖିରେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରାଧାକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମିଟିର ସଦାଶିବ ବେହେରା ବିଜୟ କୁମାର ସେଠୀ, ମନୋଜ ଆଚାର୍ଯ୍ୟ, ନବକୃଷ୍ଣ ଦାସ, ଦିଲୀପ ଜେନା, ଶ୍ରୀମନ୍ତ ଦେ, ପ୍ରହ୍ଲାଦ ଜେନା, ଅକ୍ଷୟ ଗିରି, ପ୍ରତାପ ଅଣ୍ଡିଆ, ଜଗନ୍ନାଥ ଗିରି, ସୁବଳ ଦେ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

# ଅର୍ଥନୈତିକ ଗଣନା ପ୍ରଶିକ୍ଷଣ ଶିବିର

ବାହାନଗା, ୧୦।୮(ଡି.ଏନ.ଏ.)


ଶିବିରରେ ଉପସ୍ଥିତ ପ୍ରଶିକ୍ଷାର୍ଥୀମାନେ।

ବାହାନଗା ବ୍ଲକ ସଭାଗୃହରେ ୭ମ ଅର୍ଥନୈତିକ ଗଣନା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିସଂଖ୍ୟାନ ବିଭାଗ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ଗଣନା ଆରମ୍ଭ ହେବ। ଏଥିରେ ଜନସେବା କେନ୍ଦ୍ରର କର୍ମଚାରୀମାନେ ବିଭିନ୍ନ ଅର୍ଥନୈତିକ ପ୍ରତିଷ୍ଠାନ, ଘରକୁ ଘର ଯାଇ ପରିସଂଖ୍ୟାନ ଅନୁଯାୟୀ ତଥ୍ୟ ସଂଗ୍ରହ କରିବା ସହିତ ମୋବାଇଲ ଆପ୍ ମାଧ୍ୟମରେ ଗଣନା କରିବେ। ଏହି କାର୍ଯ୍ୟକ୍ରମରେ ୨୪ଟି ପଞ୍ଚାୟତର ୮୬ଜଣ କର୍ମଚାରୀ ସାମିଲ ହୋଇଛନ୍ତି। ସୁପରଭାଇଜର ଭାବେ ୧୮ ଜଣ ମଧ୍ୟ ନିଯୁକ୍ତି ପାଇଛନ୍ତି। ଏହା ବାହାନଗା ବ୍ଲକରେ ଚଳିତ ଅଗଷ୍ଟ ୧୬ ତାରିଖଠାରୁ ଆରମ୍ଭ ହୋଇ ୨୦୨୦ ମାର୍ଚ୍ଚରେ ସରିବ ବୋଲି ଜଣାପଡ଼ିଛି। ଜିଲା ଜନସେବା କେନ୍ଦ୍ରର କମନ ସର୍ଭିସେସ୍ ସେଣ୍ଟର (ସି.ଏସ.ସି.)ର ଜିଲା ମ୍ୟାନେଜର ଚିରଞ୍ଜିବ ନାୟକ ଯୋଗ ଦେଇଥିବା ବେଳେ ବାଲେଶ୍ୱର ଜିଲା ପରିସଂଖ୍ୟାନ ବିଭାଗର ଅଧିକାରୀ (ଏନ.ଏସ.ଓ.) ମହେନ୍ଦ୍ର କୁମାର ସିଂଙ୍କ ସମେତ ବ୍ଲକ କୋଡିନେଟର ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଉପସ୍ଥିତ ଯୁବତୀ ଯୁବକମାନଙ୍କୁ ଗଣନା ବାବଦରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରିସଂଖ୍ୟାନ ସଂଗ୍ରହ ଆଇନ ୨୦୦୮ ଅଧୀନରେ ଥିବା ସମସ୍ତ ଗ୍ରାମର ପରିବାରକୁ ଏହି ସଂସ୍ଥାର କର୍ମଚାରୀମାନେ ଘରକୁ ଘର ଯାଇ ସର୍ଭେ କରିବା ସହିତ ବିଭିନ୍ନ ଅର୍ଥନୈତିକ ପ୍ରତିଷ୍ଠାନ ତଥା ଦୋକାନ ଆଦିଗୁଡ଼ିକୁ ସର୍ଭେ କରି ତଥ୍ୟ ସଂଗ୍ରହ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ଏହି ଅର୍ଥନୈତିକ ସର୍ଭେ ଶିକ୍ଷକମାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିଲା। ମାତ୍ର ଏବେ ତାହା ଜନସେବା କେନ୍ଦ୍ର ମାଧ୍ୟମରେ ସର୍ଭେ ହେବ।

# ସମସ୍ୟାରେ ଜିଲା ମୁଖ୍ୟ ଚିକିତ୍ସାଳୟ
# ପ୍ରତିକାର ଲାଗି କେନ୍ଦ୍ରମନ୍ତ୍ରୀ-ଜିଲାପାଳଙ୍କ ଆଲୋଚନା

ବାଲେଶ୍ୱର ଅଫିସ, ୧୦।୮


ଜିଲାପାଳଙ୍କ ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଲିଖିତ ପତ୍ର ପ୍ରଦାନ କରୁଛନ୍ତି।

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଚାନକ ଶୁକ୍ରବାର ରାତି ୯ଟା ସମୟରେ ପରିଦର୍ଶନ କରିଥିଲେ। ବିଭିନ୍ନ ୱାର୍ଡ଼ରେ ଥିବା ରୋଗୀ ଓ ସମ୍ପର୍କୀୟଙ୍କ ସହ ଆଲୋଚନା କରି ବହୁ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦାୟିତ୍ୱରେ ଥିବା ଡା. କମଳାକାନ୍ତ ନାୟକଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ନିକଟରୁ ସମସ୍ୟା ସମ୍ପର୍କରେ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଡକାଇ ବିଭିନ୍ନ ସମସ୍ୟାର ସମାଧାନ ଯଥାଶୀଘ୍ର କରିବା ପାଇଁ ଆଲୋଚନା କରିଥିଲେ।

ଜିଲା ମୁଖ୍ୟଚିକିତ୍ସାଳୟକୁ ପ୍ରତିଦିନ ୩ରୁ ୪ହଜାର ରୋଗୀ ଆସୁଛନ୍ତି। ଅଲଟ୍ରାସାଉଣ୍ଡ ଭଳି ମେସିନ୍ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଗତ ଜୁଲାଇ ୨୨ ଏହି ମେସିନ ଅଚଳ ହୋଇପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦାୟିତ୍ୱରେ ଥିବା ଡା. ନାୟକ ୩ଦିନ ପୂର୍ବରୁ ଦାୟିତ୍ୱରେ ଥିବାରୁ ଉକ୍ତ ସମ୍ପର୍କରେ ଜାଣି ନ ଥିବାର ଉତ୍ତର ଦେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଚେଷ୍ଟା ମଧ୍ୟ କରି ନ ଥିବା ପ୍ରକାଶ କରିଥିଲେ। ସେହିପରି ହସ୍‌ପିଟାଲ ମ୍ୟାନେଜର ଯୋଗସ୍ମିତା ଜେନା ଚିକିତ୍ସାଳୟରେ ନ ରହି ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବାରିପଦାରେ ଯାଇଥିବା ଜଣାପଡ଼ିଥିଲେ ମଧ୍ୟ ସେ ଛୁଟି ନେଇଛନ୍ତି କି ନାହିଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣା ନାହିଁ। ଅନ୍ୟପକ୍ଷରେ ୱାର୍ଡ଼ଗୁଡ଼ିକ ଅପରିଷ୍କାର ହେବା ସହ ସଂକ୍ରମଣ ପ୍ରବଣ ହେଉଛି। ବର୍ଜ୍ୟବସ୍ତୁଗୁଡ଼ିକ ଜମା ହୋଇ ପରିବେଶ ପ୍ରଦୂଷଣ କରୁଥିବାର ଜିଲାପାଳଙ୍କ ସହ ଆଲୋଚନା କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଚିକିତ୍ସା ଅବହେଳାରୁ ଜଣେ ୧୪ ବର୍ଷୀୟ ନାବାଳିକାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗକୁ ବିଧିବଦ୍ଧ ତଦନ୍ତ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ କହିଥିଲେ। ତାଙ୍କ ସହିତ ସଦର ବିଧାୟକ ମଦନମୋହନ ଦତ୍ତ, ନାରୀ ନେତ୍ରୀ ସିପ୍ରା ବାଜପେୟୀ, ବିଭୁପଦ ଦାସ, ପିଣ୍ଟୁ ପୋଦ୍ଦାରଙ୍କ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ସଂକ୍ଷେପରେ

### ପାରମ୍ପରିକ ନୃତ୍ୟ, ବାଦ୍ୟରେ ଆଦିବାସୀଙ୍କ ଶୋଭାଯାତ୍ରା

**କପ୍ତିପଦା,୧୦।୮(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଶରତଠାରେ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଆଦିବାସୀମାନେ ପାରମ୍ପରିକ ମାଦଳ ଓ ଧୁମ୍‌ସାର ତାଳେ ତାଳେ ନାଚି ନାଚି ଶୋଭାଯାତ୍ରା କରିଥିଲେ। ଶରତ ବିର୍ସାମୁଣ୍ଡା ଛକରୁ ଶୋଭାଯାତ୍ରା ବାହାରି ବଜାର ଓ କଲେଜ ପରିକ୍ରମା କରି ଉତ୍ସବସ୍ଥଳ ନିକଟରେ ପହଞ୍ଚିଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ନନ୍ଦଲାଲ ସେଠୀ ଯୋଗଦେଇ ବିର୍ସା ମୁଣ୍ଡା, ଲାକବଦ୍ରା, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିଚାରଣ କରିବା ସହିତ ଆଦିବାସୀଙ୍କ ସଂସ୍କୃତି, ପରମ୍ପରା, ପର୍ବପର୍ବାଣିକୁ ବଜାୟ ରଖିବା ପାଇଁ ଆହ୍ୱାନ ଜଣାଇଥିଲେ। ଏସିଏମ୍‌ର ସଂଯୋଜକ ପୀତାମ୍ବର ସାହୁ ମୁଖ୍ୟବକ୍ତା, ରାଣୀପୋଖରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ମାର୍କଣ୍ଡ ସିଂ, ଜୟ ମୁର୍ମୁ, କାଇରା ସିଂ, ଡବର ସିଂ, ମାଲୁ ସିଂ ଓ ଲାଦୁରା ସିଂ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

ତିରିଂ ପଞ୍ଚାୟତ ସମିତି ବୈଠକ

### ସାମଗ୍ରିକ ବିକାଶ ଲାଗି ସହଯୋଗ ଲୋଡ଼ା

**ବହଳଦା,୧୦।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ତିରିଂ ପଞ୍ଚାୟତ ସମିତିର ୯ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଜେମାମଣି ଶୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏମପି ଇଂ ବିଶେଶ୍ୱର ଟୁଡୁ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ ସମିତି ପକ୍ଷରୁ ବିଡିଓ ଲଙ୍କେଶ୍ୱର ଅମାତ ଏମପି ଓ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ପରେଶ ଚନ୍ଦ୍ର ମୁଣ୍ଡା, ସଭ୍ୟା ସୀମା କାଲୁଣ୍ଡିଆ, ଉପାଧକ୍ଷ ଶ୍ରୀଧର ମହାପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଅଂଶ ଗ୍ରହଣ କରିଥଲେ। ସ୍ୱାସ୍ଥ୍ୟ, କୃଷି, ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ବୈଠକରେ ସମସ୍ତଙ୍କ ସହଯୋଗ ଲୋଡ଼ା ଯାଇଥିଲା। ବିଧାୟକ ମାଝିଙ୍କ ସହଯୋଗରେ ବିକାଶ ସମ୍ଭବ ବୋଲି କହିଥିଲେ। ଏମପି ଇଂ ଟୁଡୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ପରାର୍ମଶ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧିମାନେ ଉପଖଣ୍ଡ କଲ୍ୟାଣ ଅଧିକାରୀ ପଦରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଏମପି ଓ ବିଧାୟକଙ୍କ ନିକଟରେ ଦାବି କରିଥିଲେ। କୃଷି, ବିଦ୍ୟୁତ୍, ପ୍ରାଣୀଧନ ସମ୍ପଦ,ମୃତ୍ତିକା ସଂରକ୍ଷଣ, ଶିଶୁ ବିକାଶ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବଢ଼ି ଚାଲିଛି ବେଆଇନ ମୋରମ ଖନନ

- ଶିମିଳିପାଳ ପାଦଦେଶରେ ଉଜୁଡ଼ି ଯାଉଛି ପ୍ରାକୃତିକ ପରିବେଶ
- ସରକାର ହରାଉଛନ୍ତି ବିପୁଳ ରାଜସ୍ୱ
- ତଦନ୍ତ ଲାଗି ଜିଲା ପ୍ରଶାସନକୁ ନିବେଦନ କଲେ ଗ୍ରାମବାସୀ


ମୋରମ ଉତ୍ତୋଳନ ସ୍ଥାନ।

**କପ୍ତିପଦା,୧୦।୮(ଡ଼ି.ଏନ.ଏ)**

ଶିମିଳିପାଳ ପାଦଦେଶ ଅଞ୍ଚଳରେ ବେଆଇନ ଭାବେ ଶତାଧିକ ବେଆଇନ ମୋରମ ଖାଦାନ ଗଢ଼ି ଉଠିଛି। ଦିନ ରାତି ମୋରମ ଉତ୍ତୋଳନ କରାଯାଇ ବିଭିନ୍ନ ସ୍ଥାନକୁ ବିନା ଟ୍ରାନଜିଟ ପାସ୍ ଓ ୱେବିଲ୍‌ରେ ଚାଲାଣ କରାଯାଉଛି। ରାସ୍ତା ନିର୍ମାଣ ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ମୋରମର ଚାହିଦା ଅଧିକ ଥିବାରୁ ବେପାରୀମାନେ ବେଆଇନ କାରବାର ଚଳାଇ ମାଲାମାଲ ହେଉଛନ୍ତି। ତହସିଲ ପ୍ରଶାସନ ପକ୍ଷରୁ ମୋରମ ବେପାରୀଙ୍କ ଉପରେ କୌଣସି ଅଙ୍କୁଶ ଲଗାଯାଇ ପାରୁନାହିଁ। ଅନ୍ୟ ପକ୍ଷେ କେତେକ ଜାଗାରେ ମୋରମ ଉତ୍ତୋଳନ ସ୍ଥାନ ବନ ବିଭାଗର ନା ରାଜସ୍ୱ ବିଭାଗର ଏ ନେଇ ଉଭୟ ବିଭାଗ ମଧରେ କାଦୁଅଫିଙ୍ଗା ଲାଗି ରହିଛି। ବିଭାଗ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଏହା ଚୋରା ବେପାରୀଙ୍କୁ ବେଶ୍ ସୁହାଇଛି। ଫଳରେ ସରକାର ପ୍ରତିବର୍ଷ ବିପୁଳ ରାଜସ୍ୱ ହରାଉଛନ୍ତି।

ମୋରମ ଖାଦାନ ଯୋଗୁ ଭୂପ୍ରକୃତି ଉଜୁଡ଼ି ଯାଉଥିବା ବେଳେ ପରିବେଶରେ ଅସନ୍ତୁଳନ ସ୍ଥିତି ସୃଷ୍ଟି ହେଉଛି। ମୋରମ ଖୋଳା ଯାଉଥିବା ସ୍ଥାନରେ ଖାଲଖମା ସୃଷ୍ଟି ହେଉଥିବାରୁ ଏହା ବର୍ଷାଦିନେ ପାଣିରେ ବୁଡି ରହୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି। ମୋରମ ପରିବହନ ଯୋଗୁ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇ ପଡୁଛି। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ପିଙ୍ଗୁ ପଞ୍ଚାୟତ ପିଙ୍ଗୁ ଗ୍ରାମରେ ଥିବା ଗୁଡ଼ିଖାଣିଆ ଅଞ୍ଚଳର ବିସ୍ତୀର୍ଣ୍ଣ ସ୍ଥାନରୁ ଏବେ ଦିନରାତି ମୋରମ ଉତ୍ତୋଳନ କରାଯାଉଛି। ଏକାଧିକ ଜେସିବି ମେଶିନ ଲଗାଇ ମୋରମ ଖୋଳାଯିବା ପରେ ଟ୍ରାକ୍ଟର ମାଧ୍ୟମରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। କେତେକ ରାଜନେତା ଓ ଠିକାଦାର ମୋରମ ଚାଲାଣ କାରବାରରେ ସମ୍ପୃକ୍ତ ରହି ବିଭାଗୀୟ କର୍ମଚାରୀଙ୍କୁ ହାତ କରି ଅବାଧରେ ଏହି ବେପାର କରୁଥିବା ଅଭିଯୋଗ ହେଉଛି। ସମୟ ସମୟରେ ତହସିଲ ପକ୍ଷରୁ ଚଢାଉ କରାଯାଉଥିଲେ ମଧ ଧରାପଡୁଥିବା ଗାଡିଠାରୁ ଜରିମାନା ଆଦାୟ କରି ଛାଡି ଦିଆଯାଉଥିବାରୁ ଏହା ବ୍ୟବସାୟୀଙ୍କୁ ସୁହାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେବଳ ପିଙ୍ଗୁ ଅଞ୍ଚଳ ନୁହେଁ, ନୁଦୁଡିହା ପଞ୍ଚାୟତର ଆଖପାଖ ଅଞ୍ଚଳରେ ମୋରମ ଖୋଳାଯାଇ ଚୋରା ଚାଲାଣ କରାଯାଉଛି। ଏହି ମୋରମ ଖଣିଠାରୁ ୫ କି.ମି ଦୂରରେ ରାଜସ୍ୱ କାର୍ଯ୍ୟାଳୟ ଥିଲେ ମଧ କୌଣସି ଧରପଗଡ କରାଯାଉ ନ ଥିବାରୁ ଏହାପଛରେ କେତେକ କର୍ମଚାରୀଙ୍କ ହାତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲାପାଳ ଓ କପ୍ତିପଦା ଉପ ଜିଲାପାଳ ଦୃଷ୍ଟି ଦେଇ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ନୁଦୁଡିହା ଆରଆଇ ସ୍ୱପ୍ନା ବେହେରାଙ୍କୁ ପଚାରିବାରୁ ମୋରମ ଚୋରି ସଂକ୍ରାନ୍ତରେ ତହସିଲଦାରଙ୍କୁ ଅବଗତ କରାଯାଇଥିବା କହିଛନ୍ତି। ତହସିଲଦାର ପ୍ରଦୀପ କୁମାର ବେହେରାଙ୍କୁ ପଚାରିବାରୁ ପୋଲିସ ସହାୟତା ମିଳିଲେ, ସେଠାରେ ଚଢାଉ କରାଯିବ ବୋଲି କହିଛନ୍ତି।

ଉଦଳା ମହାବିଦ୍ୟାଳୟର ୫୪ ତମ ପ୍ରତିଷ୍ଠା ଦିବସ ପାଳିତ

## 'ଦୀକ୍ଷା ଶିକ୍ଷା ମଧ୍ୟରେ ସମନ୍ୱୟ ରଖ'

**ଉଦଳା, ୧୦।୮ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ମହାବିଦ୍ୟାଳୟର ୫୪ ତମ ପ୍ରତିଷ୍ଠା ଦିବସ ସମାରୋହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଅଧକ୍ଷ ଜ୍ୟୋତି ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ଉଦଳାର ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୀକ୍ଷା ଶିକ୍ଷା ସହ ସମନ୍ୱୟ ରଖିଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜଳ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ପ୍ରବୋଧ କୁମାର ମହାପାତ୍ର ଯୋଗଦେଇ ଉତ୍ତର ଓଡ଼ିଶାର ଏକ ପୁରାତନ ଶିକ୍ଷାନୁଷ୍ଠାନ ଭାବେ ଉଦଳା ମହାବିଦ୍ୟାଳୟ ଯାହାକି ଏକ ମଣିଷ ତିଆରି କାରଖାନାରେ ପରିଣତ ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ପରିଚାଳନା ସମିତିର କାର୍ଯ୍ୟକାରିଣୀ ସଭାପତି ଅମୀୟ କୁମାର ବଳ, ପୁରାତନ ଛାତ୍ର ସଂଘର ସଭାପତି ଡ଼କ୍ଟର ସଚ୍ଚିଦାନନ୍ଦ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧାପକ ସୌମେନ୍ଦ୍ର କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଜୀବ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପ୍ରଭାକର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସମାରୋହ ଅନ୍ତିମ ପର୍ଯ୍ୟାୟରେ ଯୁକ୍ତ ୨ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଶିକ୍ଷାର୍ଥୀ ସ୍ୱପ୍ନା ସ୍ମରଣିକା ବେହେରା (ବିଜ୍ଞାନ) ତପସ୍ୱିନୀ ସିଂ (କଳା) ଏବଂ ପାଉଲସ୍ ନାଗ (ବାଣିଜ୍ୟ)ଙ୍କୁ ମଞ୍ଚରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଯୁକ୍ତ୩ ରେ ବିଶ୍ୱ ବିଦ୍ୟାଳୟ ଟପ୍ପର ନମିତା ସାହୁ (ଶିକ୍ଷା), ପ୍ରଜ୍ଞା ପ୍ରମିତା ବେହେରା (ପଦାର୍ଥ ବିଜ୍ଞାନ) ଏବଂ ଦୀପାଞ୍ଜଳି ପୃଷ୍ଟି (ଉଦ୍ଭିଦ ବିଜ୍ଞାନ)କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଅଧକ୍ଷ ଡ଼. କହ୍ନେଇ ଚରଣ ସ୍ୱାଇଁ, ପ୍ରଫେସର କଳ୍ପନା ମହନ୍ତ, ପରିଚାଳନା ସମିତିର ସଦସ୍ୟ ବସେନ ମାର୍ଣ୍ଡି, ଅଧାପକ ଭୋଳାନାଥ ସାହୁ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ଇତିହାସ ବିଭାଗର ଅଧାପିକା ପ୍ରକାଶିତା ବାଛିନୀ, ମାନପତ୍ର ପାଠ କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ଅଧାପକ ସୁଧାକର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷ କୁମାର ଜେନା, ଯୋଗେଶ ମହାକୁଡ଼, ବିଜନ କୁମାର ନାୟକ, ଦାସରଥୀ ମୁଖୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱଚ୍ଛତା ବାର୍ତ୍ତା ପ୍ରଚାର ଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ



ଅତିଥିମାନଙ୍କ ସହିତ ଉପସ୍ଥିତ ଛାତ୍ରୀଛାତ୍ର।

**ବାରିପଦା ଅଫିସ,୧୦।୯**

ବାରିପଦା ସହର ସ୍ଥିତ ଏମକେସି ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଇକୋ କ୍ଲବ, ଏନସିସି, ସ୍କାଉଟ୍ସ, ଗାଇଡ୍ସ, ରେଡକ୍ରସ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇଥିଲା। ପ୍ରଧାନ ଶିକ୍ଷକ ଡ.ପ୍ରଜ୍ଞା ପାରମିତା ଜେନା ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଛାତ୍ରୀଛାତ୍ରମାନେ ନିୟମିତ ଭାବେ ବିଦ୍ୟାଳୟ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆବଶ୍ୟକ ବୋଲି କହିଥିଲେ। ଏଥିସହ ସେମାନେ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ଅମିତାଭ ମିଶ୍ର, ରେଡକ୍ରସ ଦାୟିତ୍ୱରେ ଥିବା ଶିକ୍ଷକ ଡ. ଶଶୀଧର ବିଶ୍ୱାଳଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନସିସି ଶିକ୍ଷକ ରାଜୀବ ଲୋଚନ ଜେନା, ସ୍କାଉଟ୍ସ ଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତ, ଗାଇଡ ଶିକ୍ଷୟିତ୍ରୀ ବାସନ୍ତୀ ହାଁସଦା, ଅତୁଲ ପରିଡା, ମନୋଜ କୁମାର ପରିଡା, ଅମୂଲ୍ୟ କୁମ୍ଭକାର ଓ ଜଗନ୍ନାଥ ସୂତାରଙ୍କ ଉପସ୍ଥିତିରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଏସ.କେ. ନାଇକୁଦ୍ଦିନ, ସଭ୍ୟ ଲକ୍ଷ୍ମଣ ଚରଣ ମୁଣ୍ଡା, ସଭ୍ୟା ପ୍ରଶାନ୍ତି ବେହେରା, ସାମାଜିକ କର୍ମୀ ଚନ୍ଦନ ସେଜପଡା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ବଡ଼ସାହି,୧୦।୮(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ବସିଥିଲା। ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ଅନ୍ତର୍ଯ୍ୟାମୀ ବେହେରା, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ବ୍ଲକର ପ୍ରଗତି ସହାୟକ ରୂପେଶ ମାଝି, ସମସ୍ତ ସିଆର୍‌ସିସି, ଅନ୍ୟାନ୍ୟ ଅଧିକାରୀ ଓ ଜାତୀୟ ଦିବସ ପାଳନ କମିଟିର ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ଚଳିତ ବର୍ଷ ଜାତୀୟ ଦିବସ ପାଳନ କମିଟିର ପୁନର୍ଗଠନ କରାଯାଇଛି। ଏଥିରେ ସର୍ବସମ୍ମତି କ୍ରମେ କମିଟିର ସଭାପତି ଭାବେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ, କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ଶିକ୍ଷକ ରଣଜିତ କୁମାର ଦାସ, କୋଷାଧକ୍ଷ ଭାବେ କୃପାସିନ୍ଧୁ ବେରାଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ଚଳିତ ବର୍ଷ ପରେଡ଼ ପଡ଼ିଆରେ ଅଧକ୍ଷା ସିଂ ଜାତୀୟ ପତାକା ଉତ୍ତୋଳନ କରିବେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ,ବକ୍ତୃତା ଓ ତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ବାଙ୍ଗିରିପୋଷି ବନାଞ୍ଚଳ ତରଫରୁ ଫୁଟବଲ ଟୁର୍ନାମେଣ୍ଟ


ଅତିଥିମାନଙ୍କ ଗହଣରେ ଖେଳାଳିମାନେ।

**ବାଙ୍ଗିରିପୋଷି,୧୦।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନାଞ୍ଚଳ ତରଫରୁ ଭୁଆଷୁଣି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବଡଗାଁ ସେକ୍ସନ ଅଧୀନରେ ଥିବା ଧୋବଣୀଯୋଡା, କନ୍ଦଳିଆ, କିର୍ପାଦୁମା, ଜୁହା, ରେଙ୍ଗାରବେଡା, ପୁରୁଷୋତ୍ତମପୁର, ଭୁଆଷୁଣି ପ୍ରମୁଖ ୮ଟି ବନ ସୁରକ୍ଷା ସମିତିକୁ ନେଇ ଏକ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବାଙ୍ଗିରିପୋଷି ବନାଞ୍ଚଳ ଅଧିକାରୀ ତପନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଧୋବଣିଯୋଡା ଏବଂ ପୁରୁଷୋତ୍ତମପୁର ମଧ୍ୟରେ ଖେଳ ହୋଇଥିଲା। ଫାଇନାଲ ମ୍ୟାଚରେ କିର୍ପାଦୁମାକୁ ୩ଟି ଗୋଲରେ ପରାଜିତ କରି ଚାକଦର ଟିମ୍ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ଚାକଦର ତରଫରୁ ନରସିଂ ମୁର୍ମୁ ସର୍ବାଧିକ ୨ଟି ଗୋଲ ଦେଇଥିବାରୁ ତାଙ୍କୁ ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ଘୋଷଣା କରାଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ବାଙ୍ଗିରିପୋଷି ବ୍ଲକ ଅଧକ୍ଷ ସୁବୋଧ ଚନ୍ଦ୍ର ମାର୍ଣ୍ଡି ମୁଖ୍ୟଅତିଥି ଏବଂ ଭୁଆଷୁଣି ପଞ୍ଚାୟତର ସରପଞ୍ଚ ପରେଶ ମାର୍ଣ୍ଡୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଜେତା ଟିମକୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ବଡଗାଁ ସେକ୍ସନର ବନପାଳ ଖଗେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଘାସନ ମହାବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ



ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନ ପରିସରରେ ସଫେଇ କରୁଛନ୍ତି।

**କପ୍ତିପଦା,୧୦।୮(ଡ଼ି.ଏନ.ଏ.)**

ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଅଗଷ୍ଟ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳିତ ହେଉଛି। ଏହି ଅବସରରେ ଶନିବାର କପ୍ତିପଦା ବ୍ଲକ୍ ନୁଦୁଡିହା ସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଅଧକ୍ଷ ପ୍ରଫେସର ଫକୀର ଚରଣ ବେହେରା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏନଏସଏସ, ଆଇଆରସି ଓ ଏନସିସି ସ୍ୱେଚ୍ଛାସେବୀ ମହାବିଦ୍ୟାଳୟର ପରିସର ସମେତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ମୁଖ୍ୟ ରାସ୍ତାରେ ସଫେଇ କାର୍ଯ୍ୟ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ରମେଶ ଚନ୍ଦ୍ର ନାୟକ ଅଭିଭାଷଣ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏନସିସି ପ୍ରୋଗ୍ରାମ ଅଫିସର ନିରଞ୍ଜନ ପାଠୀ, ଡଃ ଶୁଭଦର୍ଶନୀ ମହାନ୍ତି, ଅନୀତା ହାଁସଦା, ତନ୍ମୟ ପୃଷ୍ଟି ଓ ସାଗରିକା ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ସାମାଜିକ ଉନ୍ନତି ଯୋଜନା ନେଇ ସଚେତନ ରୁହ'

**କପ୍ତିପଦା,୧୦।୮(ଡ଼ି.ଏନ୍.ଏ)**



ଶିବିରରେ ଉପସ୍ଥିତ ଅତିଥିମାନେ।

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଝିଙ୍କପଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ତାଲୁକ ଆଇନସେବା ସମିତି ତରଫରୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସାମାଜିକ ଉନ୍ନତି ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଉଦଳା ତାଲୁକ ଆଇନ ସେବା ସମିତିର ଅଧକ୍ଷା ତଥା ସବ୍‌ଜଜ ଅଞ୍ଜଳି କୁମାରୀ ପାଢ଼ୀ ଏଥିରେ ଯୋଗ ଦେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମସ୍ତ ଉନ୍ନତି ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା, ତାଲୁକ ଆଇନ ସେବା ପକ୍ଷରୁ ରିଟେଲର ପ୍ରତାପ ସାହୁ, ସଦସ୍ୟା ପ୍ରମିଳା ପଣ୍ଡା, ଆଇନଜୀବୀ ସତ୍ୟବ୍ରତ ମିଶ୍ର ପ୍ରମୁଖ ଯୋଗ ଦେଇ ସରକାରଙ୍କର ବିଭିନ୍ନ ଯୋଜନା ଯଥା- ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର, ସ୍ୱାସ୍ଥ୍ୟ ବୀମା ଯୋଜନା, ସର୍ବଶିକ୍ଷା ଅଭିଯାନ, ଭତ୍ତା, ଟଙ୍କାକିଆ ଚାଉଳ ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଦିଗରେ ସଚେତନତା ସୃଷ୍ଟି ହେଲେ ଯୋଜନାର ସଫଳ ରୂପାୟନ ହୋଇପାରିବ। ଯୋଗ୍ୟ ହିତାଧିକାରୀମାନେ ଯୋଜନାରୁ ବାଦ ପଡ଼ିଲେ କିପରି ଓ କେଉଁ ଅଧିକାରୀଙ୍କର ଦୃଷ୍ଟି ଆକର୍ଷଣ କରିବେ ସେସମ୍ପର୍କରେ ଅବଗତ କରାଯାଇଥିଲା। ପ୍ରାରମ୍ଭରେ ଆଇନଜୀବୀ ନିରାକାର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ନିମ୍ନମାନର ରାସ୍ତା କାମ, ଅର୍ଥ ହରିଲୁଟ୍

- ନିମ୍ନମାନର କାମ ଯୋଗୁ ରାସ୍ତା କର୍ଦ୍ଦମାକ୍ତ ହୋଇ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି
- ଶ୍ରମିକଙ୍କ ପରିବର୍ତ୍ତେ ମେଶିନ୍‌ରେ ହେଉଛି କାମ
- ଅଭିଯୋଗ ସତ୍ତ୍ୱେ ହେଉନି ଯାଞ୍ଚ କି ତଦନ୍ତ



**କପ୍ତିପଦା,୧୦।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ପିଙ୍ଗୁ ପଞ୍ଚାୟତ ଅଞ୍ଚଳରେ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ନିମ୍ନମାନର ରାସ୍ତା କାମ କରାଯାଇ ସରକାରୀ ଅର୍ଥ ହରିଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି। ଏ ପରିକି ଶ୍ରମିକଙ୍କ ପରିବର୍ତ୍ତେ ମେଶିନରେ କାମ କରାଯାଉଥିବା ଅଭିଯୋଗ ହେଉଥିଲେ ମଧ୍ୟ କିଛି ପ୍ରତିକାର ହେଉ ନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାର ଏବଂ ପିସି କାରବାର ଯୋଗୁ ନିମ୍ନମାନର କାର୍ଯ୍ୟ ହେଉଥିବା ଦର୍ଶାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

କପ୍ତିପଦା ପଞ୍ଚାୟତ ସମିତି ପକ୍ଷରୁ ମନରେଗା ଯୋଜନାରେ ଅସନବଣି ଗୋଠଛକଠାରୁ କାଳ କେନାଲ ମେଟାଲିଂ କାମରେ ୧୦ଲକ୍ଷ, ଅସନବଣି ଏଏନଏମ ଛକଠାରୁ କାଳ ଡ୍ୟାମ ରାସ୍ତାର ମେଟାଲିଂ କାମରେ ୧୦ ଲକ୍ଷ ଓ କାଳ ଡ୍ୟାମ ରାସ୍ତାର ଉନ୍ନତୀକରଣ ବାବଦରେ ପ୍ରାୟ ୧୦ ଲକ୍ଷ ଟଙ୍କାର କାମ ହୋଇଥିବା କୁହାଯାଉଛି। ଏସବୁ କାମ ଗୋଟିଏ ରାସ୍ତାରେ ହୋଇଥିବା ବେଳେ କେବଳ ପ୍ରକଳ୍ପର ନାମ ପରିବର୍ତ୍ତନ କରାଯାଇ କାମ କରାଯାଇଛି। ନିମ୍ନମାନର କାମ ହୋଇଥିବାରୁ ବର୍ତ୍ତମାନ ବର୍ଷାଦିନେ ରାସ୍ତାରେ ଯାତାୟାତ କରିବା ସମ୍ଭବ ହେଉ ନାହିଁ। ସେହିପରି ଅସନବଣି ହରିପୁରଠାରୁ ଗଡିଆପାଳ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ ଓ ଡ୍ରେନ କାମରେ ପୂର୍ବରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଛି। ଡ୍ରେନ କାମ ଅଧାପନ୍ତରିଆ ଥିବା ବେଳେ ରାସ୍ତାର କେଉଁଠି ଉନ୍ନତୀକରଣ ହୋଇଛି ଲୋକେ ଜାଣିପାରୁ ନ ଥିବା କହିଛନ୍ତି। ବର୍ଷାରେ ଉକ୍ତ ରାସ୍ତା କର୍ଦ୍ଦମାକ୍ତ ହୋଇଯାଉଥିବାରୁ ଯାତାୟାତ କରିବା ଲୋକଙ୍କ ପକ୍ଷେ ଅସମ୍ଭବ ହୋଇ ପଡୁଛି। ସେହି ରାସ୍ତାରେ ଅସନବଣି ଅଡାପାଇ ଛକରୁ ଗଡିଆପାଳ ରାସ୍ତାର ଉନ୍ନତୀକରଣ କରାଯାଇଥିବା ସୂଚନା ଫଳକରେ ଦର୍ଶାଯାଇଛି। ଚୁଇଁପୋଷି ୱାର୍ଡ ନମ୍ବର-୧୨ଠାରୁ ଗଡିଆପାଳ ବାଲିନାଳ ଏବଂ ଚୁଇଁପୋଷି ପ୍ରଧାନମନ୍ତ୍ରୀ ରାସ୍ତାରୁ ଗଡିଆପାଳ ପ୍ରଧାନମନ୍ତ୍ରୀ ରାସ୍ତା ଯାଏ କାମ ମଧ ନିମ୍ନମାନର ହୋଇଛି। ବର୍ତ୍ତମାନ ଚୁଣିଆ ଛକରୁ ଚୁଇଁପୋଷି ରାସ୍ତା, ଗଡିଆପାଳ ଷ୍ଟୋର ହାଉସଠାରୁ ମୁଚିଆସାହି ରାସ୍ତାର ଅନୁମୋଦନ କରାଯାଇ କାମ କରାଯାଉଛି। ଅଳ୍ପ ଶ୍ରମିକଙ୍କୁ କାମରେ ଲଗାଇ ଶତାଧିକ ଶ୍ରମିକଙ୍କ ନାମରେ ବିଲ୍ ଉଠାଯାଉଥିଲେ ମଧ କୌଣସି ଅଧିକାରୀ ଯାଞ୍ଚ କରିବାକୁ ଆସୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଦାଶିବ ବେହେରାଙ୍କୁ ପଚାରିବାରୁ କାମଗୁଡିକୁ ଯାଞ୍ଚ କରାଯିବ ବୋଲି କହିଛନ୍ତି। କନିଷ୍ଠ ଯନ୍ତ୍ରୀ ଅମିୟ କୁମାର ପଲେଇ ମଧ ଅନୁରୂପ ମତ ପ୍ରକାଶ କରିଛନ୍ତି।

## ଶିକ୍ଷକ ସମନ୍ୱୟ ସମିତିର ବୈଠକ

**ବଡ଼ସାହି,୧୦।୮(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡସାହି ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ଏକ ବୈଠକ ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଆବାହକ ସଚ୍ଚିଦାନନ୍ଦ ମହାନ୍ତି ଗତ ବୈଠକର ବିବରଣୀ ପାଠ କରି ନୂତନ ପ୍ରସ୍ତାବ ଆଗତ କରିଥିଲେ। ଗତ ବର୍ଷ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ମେଳାର ହିସାବ ନ ମିଳିବା, ଦୁଇମାସ ଧରି ଦରମା ପ୍ରଦାନ ନ କରିବା ଓ ଜଣେ ଅଧିକାରୀଙ୍କ କାର୍ଯ୍ୟ ନେଇ ବୈଠକରେ ବିଇଓଙ୍କ ସହ ଆଲୋଚନା କରାଯାଇଥିଲା। ଅଗଷ୍ଟ ୧୫ତାରିଖ ସୁଦ୍ଧା ଏସବୁ ସମସ୍ୟାର ସମାଧାନ ନହେଲେ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାଜେନ୍ଦ୍ର କୁମାର ଜେନା, ରତିକାନ୍ତ ବେହେରା, ଦେବରାଜ ନାୟକ, ଧ୍ରୁବ ଚରଣ ଜେନା, ଶ୍ରୀକୃଷ୍ଣ ମହାନ୍ତ, ଶୁଭ୍ରାଂଶୁ ଦାସ ମଙ୍ଗରାଜ, ଦେବବ୍ରତ ଶତପଥୀ, ଦୈତାରୀ ସିଂ ଓ ସରୋଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଦେବବ୍ରତ ଶତପଥୀ ଧନ୍ୟବାଦ ଅର୍ପଣ କରିଛନ୍ତି।


ସମନ୍ୱୟ ସମିତି ବୈଠକରେ ଉପସ୍ଥିତ ଶିକ୍ଷକମାନେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଅଗଷ୍ଟ ୧୧/୨୦୧୯ Balasore, Sunday, August 11/2019


## ସଂକ୍ଷେପରେ

### ନବନିର୍ମିତ ଘରୁ ବଙ୍ଗୀୟ ଯୁବତୀ ଉଦ୍ଧାର

**ଜଳେଶ୍ୱର, ୧୦।୮:** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଚନ୍ଦନା ଗ୍ରାମରେ ଏକ ନବନିର୍ମିତ ଘରୁ ଅସଜ୍ଞତ ଅବସ୍ଥାରେ ସ୍ଥାନୀୟ ଅଞ୍ଚଳର ଅଝାର ଖାଁ(୨୨) ନାମକ ଜଣେ ଯୁବକ ଓ ଅନ୍ୟ ଜଣେ ବଙ୍ଗୀୟ ଯୁବତୀଙ୍କୁ ଜଳେଶ୍ୱର ପୋଲିସ ଉଦ୍ଧାର କରିଛି। ଜଳେଶ୍ୱର ରାଜପୁର ବସ୍ତିର ଅଝାର ନବନିର୍ମିତ ଘରେ ପକ୍କା ମିସ୍ତ୍ରି ଭାବେ କାମ କରିଆସୁଥିଲେ। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ସେ ଏକ ବଙ୍ଗୀୟ ଯୁବତୀଙ୍କୁ ମୋଟରସାଇକେଲରେ ବସାଇ ନେଇଯିବାର କେତେକ ଯୁବକ ଦେଖିଥିଲେ। ପରେ ସେମାନେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଆସି ସେମାନଙ୍କୁ ବାହାରପଟୁ ତାଲା ଲଗାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଝାର ଓ ଯୁବତୀଙ୍କୁ ଉଦ୍ଧାର କରି ଥାନାକୁ ନେଇ ପଚରାଉଚରା କରିଥିଲା। ପରେ ପୋଲିସ ନିଜ ଆଡୁ ଏକ ମାମଲା(ନଂ.୧୮୬/୧୯) ରୁଜୁ କରି ଅଝାରଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ଯୁବତୀଙ୍କୁ ସ୍ୱଧାରଗୃହକୁ ପଠାଇଦେଇଛି। ଯୁବତୀଙ୍କ ଘର କଲିକତାର ବହୁବଜାର ଅଞ୍ଚଳରେ ତଦନ୍ତ ଅଧିକାରୀ ମନୋରମା ବାରିକ ସୂଚନା ଦେଇଛନ୍ତି।

### ଗଣିଜାଙ୍ଗ ବଜାରରୁ ଚୋରି ଅଭିଯୋଗ

**ବନ୍ତ, ୧୦।୮ (ଡି.ଏନ.ଏ.):** ବନ୍ତ ବ୍ଲକ ଗଣିଜାଙ୍ଗ ବଜାରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରାଯାଇଛି। ବଜାରରେ ଥିବା କାର୍ତ୍ତିକ ବେହେରାଙ୍କ ଦୋକାନରୁ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ନଗଦ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ବଜାରର ଅନ୍ୟ ଦୁଇଟି ଦୋକାନ ତାଲା ଭାଙ୍ଗିବାରେ ଦୁର୍ବୃତ୍ତମାନେ ବିଫଳ ହୋଇଛନ୍ତି। ଉଲ୍ଲେଖନୀୟ ଯେ, ଉକ୍ତ ବଜାରରୁ ୬ ମାସ ମଧ୍ୟରେ ୧୦ରୁ ଅଧିକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ ପୋଲିସ ଚୋରମାନଙ୍କର ପତ୍ତା ପାଉ ନ ଥିବା ଜଣାଯାଇଛି। ଏଠାରେ ପୋଲିସ ପାଟ୍ରୋଲିଂ ହେଉ ନ ଥିବାରୁ ଚୋରି ଘଟଣା ବୃଦ୍ଧି ପାଉଥିବା ସାଧାରଣରେ ଅଭିଯୋଗ ହେଉଛି।

### ବାଇକ୍ ଧକ୍କାରେ ବୃଦ୍ଧଙ୍କ ଜୀବନ ଗଲା

**ବଡ଼ସାହି,୧୦।୮(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଚକ୍ରଧରପୁର ଗ୍ରାମରେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ସେହି ଗ୍ରାମର ଭାସ୍କର ଚନ୍ଦ୍ର ପାତ୍ର(୬୦)। ଶୁକ୍ରବାର ରାତି ୮ଟା ସମୟରେ ଭାସ୍କର ରାସ୍ତାରେ ଯାଉଥିବା ସମୟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁଘଟିଛି । ଏନେଇ ପୋଲିସ ଏକ ମାମଲା ( ନଂ .୧୧୨/୧୯) ରୁଜୁ କରି ତଦନ୍ତ କରିବା ସହ ବାଇକକୁ ଜବତ କରିଛି।

### ଟ୍ରେନରୁ ଖସି ଯୁବକ ମୃତ

**ବସ୍ତା,୧୦।୮(ସ୍ୱ.ପ୍ର.):** ସମ୍ବଲପୁରରୁ ହାୱଡ଼ା ଯାଉଥିବା ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ୍‌ରୁ ଶନିବାର ଭୋର ସମୟରେ ଜଣେ ଯୁବକ ଅମର୍ଦ୍ଦାରୋଡ଼ ଷ୍ଟେଶନ ନିକଟରେ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ସୁତୀ ଥାନା ଅନ୍ତର୍ଗତ ହସନପୁର ଗ୍ରାମର ଜଲାଲୁଦ୍ଦିନ ହକଙ୍କ ପୁଅ କାଜରୁଲ(୩୪) ବୋଲି ରେଳବାଇ ପୋଲିସ ପକ୍ଷରୁ କୁହାଯାଇଛି। ଏ ନେଇ ରେଳବାଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭୧/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

# ଭିତ୍ତିଭୂମି ନାହିଁ, ନାଁକୁ ଆଦର୍ଶ ବିଦ୍ୟାଳୟ

- ୫ ଶିକ୍ଷକରେ ଚାଲିଛି ପାଠପଢ଼ା
- ୭୦ ଶଯ୍ୟାବିଶିଷ୍ଟ ଛାତ୍ରୀନିବାସରେ ନାହିଁ ଆନୁଷଙ୍ଗିକ ସୁବିଧା
- ବିଜୁଳି, ପାଣି ସମସ୍ୟାରେ ଅନ୍ତେବାସୀ

**ବହଳଦା,୧୦।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାର ସୀମାନ୍ତବର୍ତ୍ତୀ ଆଦିବାସୀ ଅଧ୍ୟୁଷିତ ତିରିଂ ବ୍ଲକ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ହୋଇ ରହିଛି। ଏହି ଅଞ୍ଚଳରେ ଶିକ୍ଷାର ପ୍ରସାର ଲାଗି ୪ ବର୍ଷ ତଳେ ବଡଡାଲିମା (ମାକଡିଘାଟି)ଠାରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲେ ମଧ ଆରମ୍ଭରୁ ଏହା ନାନା ସମସ୍ୟା ଦେଇ ଗତି କରି ଚାଲିଛି। ଯେଉଁ ଆଭିମୁଖ୍ୟ ନେଇ ଉକ୍ତ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ତାହା ଏଯାଏ ଅଧୁରା ହୋଇ ରହିଛି। ବିଦ୍ୟାଳୟର କୋଠାକୁ ଛାଡି ଦେଲେ ଅନ୍ୟ ଭିତ୍ତିଭୂମିର ବିକାଶ ହୋଇନାହିଁ। ଶିକ୍ଷକ ଓ ଅନ୍ୟ କର୍ମଚାରୀ ନ ଥିବାରୁ ଠିକ୍ ଭାବେ ପାଠ ପଢାଯାଇ ପାରୁ ନାହିଁ।

ବର୍ତ୍ତମାନ ବିଦ୍ୟାଳୟରେ ୬ଷ୍ଠରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ଯାଉଛି। ମୋଟ ୨୪୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତେବେ ୬ଷ୍ଠ ଶ୍ରେଣୀରେ ବହୁ ସିଟ୍ ଖାଲି ପଡ଼ିଛି । ଘରୋଇ ଇଂରାଜୀ ମିଡିୟମ ସ୍କୁଲରୁ ପ୍ରାଥମିକ ଶିକ୍ଷାଶେଷ କରିଥିବା ଛାତ୍ରୀଛାତ୍ରଙ୍କ ନାମଲେଖା ଲାଗି ଏହି ସରକାରୀ ବିଦ୍ୟାଳୟ ଏନଓସି ଆବଶ୍ୟକ କରୁଥିବାରୁ ଅନେକ ଅଭିଭାବକ ପିଲାଙ୍କ ନାମଲେଖା ବେଳେ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ଶିକ୍ଷକ ଅଭାବ କାରଣରୁ ବିଦ୍ୟାଳୟରେ ଠିକ୍ ଭାବେ ପାଠ ପଢାଯାଇ ପାରୁ ନ ଥିବାରୁ ଏହାର ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହେଉଛି। ବର୍ତ୍ତମାନ ମାତ୍ର ୪ ଜଣ ଶିକ୍ଷକ ଓ ଜଣେ ସଙ୍ଗୀତ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟ ଆରମ୍ଭରୁ କେହି ଅଧକ୍ଷ ଭାବେ ନିଯୁକ୍ତି ପାଇ ନାହାନ୍ତି । ଇଂରାଜୀ ମାଧ୍ୟମରେ ପାଠପଢା ଯାଉଥିବା ବେଳେ ଜଣେ ହେଲେ ଇଂଲିଶ ଶିକ୍ଷକ ନାହାନ୍ତି। ଶିକ୍ଷକ ଅଭାବ ସାଙ୍ଗକୁ କିରାଣି ନ ଥିବା ଏବଂ କାମ କରୁଥିବା ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଦୀର୍ଘଦିନ ହେଲା ଆଉ ଆସୁ ନ ଥିବା ଅଭିଭାବକମାନେ କହିଛନ୍ତି। ଏଥିଲାଗି ଶିକ୍ଷକମାନେ ପାଠ ପଢାଇବା ସହ ବାଧ ହୋଇ ଅନ୍ୟ କାମ କରୁଛନ୍ତି ।

ବଡଡାଲିମା ଆଦର୍ଶ ବିଦ୍ୟାଳୟ ନିକଟରେ ୭୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ ହୋଇଥିଲେ ମଧ ସେଠାରେ ରହିବା ଲାଗି ଆନୁଷଙ୍ଗିକ ସୁବିଧା କରାଯାଇ ନାହିଁ । ପାଣି ଅଭାବ ସାଙ୍ଗକୁ ବିଦ୍ୟୁତ୍ ବିଭ୍ରାଟ ସବୁବେଳେ ଲାଗି ରହୁଛି । ଏ ନେଇ ସଭାପତି ସଞ୍ଜୟ ପତିଙ୍କ ନେତୃତ୍ୱରେ ଶତାଧିକ ଅଭିଭାବକ ବୁଧବାର ସ୍କୁଲ ପରିସରରେ ଏକତ୍ରିତ ହୋଇ ଏସବୁ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସରକାର ସ୍ଥାୟୀ ଅଧକ୍ଷ ନିଯୁକ୍ତି ଦେବା ସହ ଆବଶ୍ୟକ ଶିକ୍ଷକ, କର୍ମଚାରୀ ପଦବୀ ପୂରଣ ଏବଂ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ଦୃଷ୍ଟି ନ ଦେଲେ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଇଥିବା ରାଧାଗୋବିନ୍ଦ ଏବଂ ଶ୍ରୀହରି ପାତ୍ର ପ୍ରମୁଖ ଅଭିଭାବକ ସୂଚନା ଦେଇଛନ୍ତି ।


STUDY MBBS IN UKRAINE
V N KARAZIN KHARKIV NATIONAL UNIVERSITY
RS 1.6 LAKHS PER SEM.
KHARKIV NATIONAL MEDICAL UNIVERSITY
RS 1.7 LAKHS PER SEM.
ADMISSIONS OPEN
APPLY NOW
› MCI recognised Govt. Universities
› Indian Mess & Food
› 6000+ Indian Students
› 1000+ Students from Odisha
› Separate Hostel for Boys & Girls
› NEET Score is mandatory
GF Global Focus® education Pvt.ltd
Call - 9692123000
www.globalfocus.in
382,Bhoi Nagar, Bhubaneswar -22, Odisha 751022


### ପାଣିରେ ବୁଡ଼ି ଶିଶୁକନ୍ୟାଙ୍କ ମୃତ୍ୟୁ

**କୁଆମରା, ୧୦।୮।(ଡି.ଏନ.ଏ.)–** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା, କୁଆମରା ଫାଣ୍ଡି ଅନ୍ତର୍ଗତ ପରିଛିପୁର ଗ୍ରାମର ଶମ୍ଭୁ ସିଂଙ୍କ ଦେଢ ବର୍ଷର ଶିଶୁ କନ୍ୟା ଘର ନିକଟରେ ଖେଳୁଥିବା ବେଳେ ଅସାବଧାନତା ବଶତଃ ଏକ ଗଡିଆକୁ ପଡି ଯାଇ ପ୍ରାଣ ହରାଇଛନ୍ତି। ଝିଅଙ୍କୁ ଦେଖିବାକୁ ନ ପାଇ ତାଙ୍କ ମା' ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ । ପରେ ଗଡିଆରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ଶିଶୁକନ୍ୟାଙ୍କୁ ଉଦ୍ଧାର କରି କୁଆମରା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁଆମରା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।



ଭଦ୍ରକ ପୁରୁଣାବଜାର ଥାନା ଅଞ୍ଚଳରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

### ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ

**ଭଦ୍ରକ ଅଫିସ, ୧୦।୮**

ଭଦ୍ରକ ପୁରୁଣାବଜାର ଥାନା ପୋଲିସ ପକ୍ଷରୁ ଶନିବାର ଅପରାହ୍ନରେ ବିଭିନ୍ନ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଆସନ୍ତା ସୋମବାର ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଶାନ୍ତିଶୃଙ୍ଖଳା ଭାବେ ପାଳନ କରାଯିବା ପାଇଁ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ସୂଚନା ମିଳିଛି। ପୁରୁଣାବଜାର ଥାନା ଅଞ୍ଚଳର ସରକାରନଗର, ହଳଦୀଡିହ ବାଇପାସ୍, ପଠାଣସାହି ଓ ଏହା ଆଖପାଖ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିବାବେଳେ ଥାନାଧିକାରୀ ପ୍ରଜ୍ଞା ମହାନ୍ତି ନେତୃତ୍ୱ ନେଇଥିଲେ। ଏହି ଅଞ୍ଚଳର ବିଭିନ୍ନ ସମ୍ବେଦନଶୀଳ ଛକରେ ଏବେଠାରୁ ପୋଲିସ ମୁତୟନ ହୋଇସାରିଥିବା ଜଣାପଡ଼ିଛି। ରାତିରେ ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କ ନେତୃତ୍ୱରେ ଟାଉନ ଥାନାରେ ଉଭୟ ସମ୍ପ୍ରଦାୟର ନେତୃବୃନ୍ଦଙ୍କୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

### ପତ୍ନୀଙ୍କୁ ପୋଡ଼ି ମାରିବା ପରେ ବିଷ ପିଇଲେ ସ୍ୱାମୀ

**ବାହାନଗା,୧୦।୮(ଡି.ଏନ୍.ଏ.)**

**ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନିଳାମ୍ବର ମଲିକ(୪୮) ତାଙ୍କ ସ୍ତ୍ରୀଙ୍କୁ ଧାନ ବିଲରେ ମାଡ ମାରି ନିଆଁରେ ପୋଡି ଦେବାପରେ ନିଜେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ନୂଆପୁର ଗ୍ରାମର ନୀଳାମ୍ବର ଶନିବାର ଦିନସାରା ନିକଟସ୍ଥ ଅରଳା ସୀମାରେ ଥିବା ନିଜ ଧାନ ବିଲରେ ମଦ୍ୟପାନ କରି ଆଉ ଘରକୁ ଫେରି ନ ଥିଲେ। ତାଙ୍କ ସ୍ତ୍ରୀ ସାବିତ୍ରୀ (୪୨) ଅପରାହ୍ନ ୪ଟାରେ ସେହି ବିଲକୁ ଯାଇ ସ୍ୱାମୀଙ୍କୁ ଘରକୁ ଯିବା ପାଇଁ ଡାକିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନୀଳାମ୍ବର ଉତ୍ତ୍ୟକ୍ତ ହୋଇ ସାବିତ୍ରୀଙ୍କୁ ମାଡ ମାରିଥିଲେ। ସାବିତ୍ରୀ ତଳେ ପଡିଯାଇ ଅଚେତ ହେବାରୁ ନୀଳାମ୍ବର ସେହି ବିଲରେ ସାବିତ୍ରୀଙ୍କୁ ନିଆଁ ଲଗାଇ ପୋଡି ଦେଇଥିଲେ। ପରେ ନୀଳାମ୍ବରଙ୍କ ନିଶା ଛାଡିବା ପରେ ସନ୍ଧ୍ୟାରେ ସେ ବିଲରେ ପକାଇବା ପାଇଁ ଆଣିଥିବା କିଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ତାଳପଦା-ଗୋପାଳପୁର ରାସ୍ତାରେ ଯାଉଥିବା ଲୋକମାନେ ବିଲରେ ନିଆଁ ଜଳୁଥିବା ଦେଖି କିଛି ବୁଝି ପାରି ନ ଥିଲେ। ସନ୍ଧ୍ୟାରେ ନୀଳାମ୍ବର ନିଜେ ବିଲରୁ ରାସ୍ତାକୁ ଆସି ସ୍ତ୍ରୀଙ୍କୁ ମାଡ ମାରି ପୋଡିଦେବା ସହ ବିଷ ପିଇଦେଇଥିବା କହିଥିଲେ। ସ୍ଥାନୀୟ ଲୋକେ ଏହା ଶୁଣି ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ। ଏ ବିଷୟରେ ଲୋକେ ଗୋପାଳପୁର ଫାଣ୍ଡିକୁ ଜଣାଇବା ପରେ ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ ପହଞ୍ଚି ପୋଡା ଶବକୁ ଜବତ କରିଛି। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି।

## ନାବାଳିକାଙ୍କୁ ପ୍ରେମ ପ୍ରତାରଣା କରି ଅଭିଯୁକ୍ତ ଫେରାର

**ବଡ଼ସାହି,୧୦।୮(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡସାହି ଥାନାରେ ପ୍ରେମ ପ୍ରତାରଣା ଘଟଣା ନେଇ ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ସମ୍ପର୍କ ରଖି ପରେ ବିବାହ କରିବାକୁ ମନା କରିଥିବା ନେଇ ଅଭିଯୋଗ ହେବା ପରେ ପୋଲିସ ପୀଡିତାଙ୍କୁ ଡାକ୍ତରୀ ମାଇନା କରାଇ ଏକ ମାମଲା (ନଂ. ୧୧୧/୧୯)ରୁଜୁ କରିଛି। ପ୍ରେମ ପ୍ରତାରଣାର ଶିକାର ନାବାଳିକା ଗର୍ଭବତୀ ଥିବା ଜଣାପଡିବାରୁ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଧରିବା ଲାଗି ତନାଘନା ଜାରି ରଖିଛି। ଅଭିଯୁକ୍ତ ଯଚବକଙ୍କ ଘର ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ । ସେ ବଡସାହି ଥାନା ଅଧୀନ ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲି ଆସୁଥିବା ବେଳେ ନାବାଳିକାଙ୍କ ସହିତ ମିଶି ଭଲ ପାଇବାର ଛଳନା କରି ବିବାହ ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ନାବାଳିକାଙ୍କୁ ପ୍ରତାରଣା କରି ଆଉ ଧରାଛୁଆଁ ଦେଇ ନ ଥିଲେ। ନାବାଳିକା ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ଉଭୟ ପରିବାର ଆଲୋଚନା କରି ବିବାହ ପ୍ରସ୍ତାବରେ ରାଜି ହୋଥିଲେ। କିନ୍ତୁ ଅଭିଯୁକ୍ତ ଯୁବକ ରାଜି ନ ହେବାରୁ ନାବାଳିକାଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରିଥିବା କହିଛି।

## ବସ୍ତାରେ ହାତୀ ଉପଦ୍ରବ: ଭାଙ୍ଗିଲେ ୩ ଘର

**ବସ୍ତା, ୧୦।୮(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଶୁକ୍ରବାର ରାତିରେ ଏକ ହାତୀପଲ ପୁରୁଷୋତ୍ତମପୁର ପଞ୍ଚାୟତର ଦାମୋଦରପୁର ଗ୍ରାମର କୃଷ୍ଣ ସିଂ, ଶଙ୍କର ସିଂ ଓ ବାୟା ସିଂଙ୍କ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବାବେଳେ ଗ୍ରାମ ମଝିରେ ଉତ୍ପାତ କରିଥିଲେ। ଏହି ହାତୀ ପଲରେ ୭ଟି ହାତୀ ଅଛନ୍ତି। ସେମାନେ ଅନ୍ୟ ୮ ଲୋକଙ୍କ ଘର ଛପର ଉଜାଡ଼ିବା ସହ ବିଭିନ୍ନ ଆସବାବପତ୍ର, ଧାନ ଚାଉଳ ଆଦି ନଷ୍ଟ କରିଥିବା ଜଣାପଡ଼ିଛି। ଏଥିସହ ବାଡ଼ିରେ ଥିବା କଦଳୀ ଗଛ ସହ ଅନ୍ୟ ଗଛ ସବୁ ନଷ୍ଟ କରିଦେଇଛନ୍ତି। ଖବର ପାଇ ଶନିବାର ବାଲେଶ୍ୱର ଜିଲାର ବନବିଭାଗର ଏକ ଟିମ୍ ଗାଁରେ ପହଞ୍ଚି ହାତୀପଲଙ୍କ ଉପରେ ନଜର ରଖିଛି । ଏହି ହାତୀମାନେ ଏହି ଗ୍ରାମକୁ ଲାଗିଥିବା ମୟୂରଭଞ୍ଜ ଜିଲାର ନୂଆସାହି ଜଙ୍ଗଲରେ ରହିଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶ ଥାଉକି ଗତ କିଛିମାସ ପୂର୍ବରୁ ସେହି ଅଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲେ।



ହାତୀ ଉପଦ୍ରବରେ ଭାଙ୍ଗିଥିବା ଘର।

### ନିଖୋଜ ଚାଷୀଙ୍କ ମୃତଦେହ ଉଦ୍ଧାର

**ତେଲକୋଇ,୧୦।୮(ଡି.ଏନ.ଏ.)–** ତେଲକୋଇ ଥାନା ବିଞ୍ଜବାହାଳ ଗ୍ରାମର ଚାଷୀ ବସନ୍ତ ମହାନ୍ତି(୩୬)ଗତ ୩ଦିନ ପୂର୍ବରୁ ବିଲକୁ ଚାଷ କରିବା ପାଇଁ ହଳ ଲଙ୍ଗଳ ନେଇଯାଇଥିଲେ। ଚାଷ କରିବା ପରେ ବଳଦଙ୍କୁ ଲଙ୍ଗଳରୁ ଖୋଲିବା ପରେ ବଳଦ ଘରକୁ ଫେରିଥିଲେ। ହେଲେ ବସନ୍ତ ଘରକୁ ନ ଫେରିବାରୁ ଘରଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ତାଙ୍କୁ ପାଇ ନଥିଲେ। ଶନିବାର ଜମି ସଲଗ୍ନ ମାଙ୍କଡା ନାଳରୁ ତାଙ୍କର ମୃତ ଦେହ ମିଳିଥିବାବେଳେ ତାଙ୍କ ବାପା ରବି ନାରାୟଣ ଦାସ ତେଲକୋଇ ଥାନାରେ ଅଭିଯୋଗ କରିଥିଲେ। ସେ ନାଳରେ ଗାଧୋଇବା ସମୟରେ ଏଭଳି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ଏନେଇ ଥାନାରେ ଏକ ମାମଲା (ନଂ.୨୬/୧୯)ରୁଜୁ କରି ମୃତଦେହକୁ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ଲାଗି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଆରମ୍ଭ କରିଛି।

### ଦୁର୍ଘଟଣାରେ ଯୁବକ ମୃତ

**ହାଟଡ଼ିହୀ, ୧୦।୮(ଡି.ଏନ.ଏ.)–** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୁଲଣ ପଞ୍ଚାୟତ ଆବୁଲପୁରା ଗ୍ରାମର ଘନଶ୍ୟାମ ଦାସ(୨୫) ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଘନଶ୍ୟାମ ତାଙ୍କ ଭଉଣୀକୁ ନେଇ ଶ୍ୱଶୁର ଘର ଭଦ୍ରକ ଜିଲା ନିଚିବନ୍ଧା ଗ୍ରାମକୁ ଯାଇଥିଲେ। ଫେରିବା ବେଳେ ଏକ ହାଇୱା ତାଙ୍କୁ ନଳାଙ୍ଗ ନିକଟରେ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଓ ପରେ କଟକ ନେବାବେଳେ ବାଟରେ ତାଙ୍କରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସତ୍ୟସାଇ ମନ୍ଦିରରେ ବରଲକ୍ଷ୍ମୀ ବ୍ରତ

ଆନନ୍ଦପୁର,୧୦।୮(ସ୍ୱ.ପ୍ର.)- ଘସିପୁରା ବ୍ଲକ ଅଲତୀ ସତ୍ୟସାଇ ମନ୍ଦିରରେ ବରଲକ୍ଷ୍ମୀ ବ୍ରତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳାଙ୍କ ସମାଗମ ହୋଇଥିଲା। ସତ୍ୟସାଇ ଭଜନମଣ୍ଡଳୀ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଓଁକାର ସୁପ୍ରଭାତମ, ନଗରକୀର୍ତ୍ତନ, ବେଦପାଠ, ସତ୍ୟସାଇଙ୍କ ଆରତୀ କରାଯାଇ ଷୋଡଶ ଉପଚାର ପୂଜା କରାଯାଇଥିଲା। କାର୍ଯ୍ୟକ୍ରମକୁ ଆବାହକ ବିଜୟ ସେଠୀ, ବାଳବିକାଶ ଗୁରୁ ନୃସିଂହଚରଣ ସେଠୀ, ମହିଳା ସଂଯୋଜିକା ଅଶାନ୍ତି ସାମଲ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଭକ୍ତମାନଙ୍କୁ ନାରାୟଣ ସେବା ମାଧମରେ ପ୍ରସାଦ ସେବନର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ୧୦ ସ୍ୱର୍ଣ୍ଣକାର ସମ୍ବର୍ଦ୍ଧିତ

ଆନନ୍ଦପୁର,୧୦।୮(ସ୍ୱ.ପ୍ର.)- କେନ୍ଦୁଝର ମା'ତାରିଣୀ ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ଆନନ୍ଦପୁର ପୌର କଲ୍ୟାଣ ମଣ୍ଡପଠାରେ ଏକ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀର ସ୍ୱର୍ଣ୍ଣକାରଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ରାମକୃଷ୍ଣ ସାହୁ, ସହ ସମ୍ପାଦକ ଅନିଲ କୁମାର ସାହୁ ଉପସ୍ଥିତ ରହି କାରିଗର ଭତ୍ତା, ପରିଚୟ ପତ୍ର ଓ ବୀମା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୧୦ ସ୍ୱର୍ଣ୍ଣକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବିଶ୍ୱ ସ୍ତନ୍ୟପାନ ଦିବସ ଉଦ୍‌ଯାପିତ

ବଉଳା, ୧୦।୮ (ଡି.ଏନ.ଏ.)- ହାଟଡିହୀ ବ୍ଲକର ବଉଳା ଅଞ୍ଚଳରେ ଥିବା ନୂଆସାହି କ୍ରୋମାଇଟ ମାଇନ୍ସ ଇଣ୍ଡିଆ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ ହୋଇ ଉଦ୍‌ଯାପିତ ହୋଇଯାଇଛି। ଏହି ସମୟରେ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇ ଖଣିର ନିକଟବର୍ତ୍ତୀ ଧନୁର୍ଜୟପୁର ପଞ୍ଚାୟତ, ବାଙ୍ଗୋର, ବାଲିବରେଇ, ପଢ଼ିଆରୀପଲୀ, ସୋସୋ, ଅହଗଡ଼ ଆଦି ପଞ୍ଚାୟତଗୁଡ଼ିକୁ ସଚେତନତା ଗାଡ଼ି ଯାଇ ପଞ୍ଚାୟତରେ ସଚେତନତା ବାର୍ତ୍ତା ଦେବା ସହିତ ସରପଞ୍ଚମାନେ ପତାକା ଦେଖାଇ ଏହି ଗାଡ଼ିକୁ ସ୍ୱାଗତ କରିଥିଲେ। ଉଦ୍‌ଯାପନୀ ଉତ୍ସବ ହଦଗଡ଼ କାର୍ଯ୍ୟକ୍ରମ ପରିସରରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ସୁପରଭାଇଜର ତଥା ସିଡିପିଓଙ୍କ ପ୍ରତିନିଧି ଭାବେ ନିରୂପମା ରାଉତ, ଡକ୍ଟର ବିଶ୍ୱଜିତ ନାୟକ, ହଦଗଡ଼ ସରପଞ୍ଚ ଅଶୋକ ଜେନା, ପୂର୍ବତନ ସରପଞ୍ଚ ମଦନ ମୋହନ ନନ୍ଦି, କମ୍ପାନୀର ସହପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ରହି ସ୍ତନ୍ୟପାନର ଆବଶ୍ୟକତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଉପସ୍ଥିତ ମହିଳାମାନଙ୍କୁ ସଚେତନତା କରାଇଥିଲେ।

### ଜିଲାସ୍ତରୀୟ ଜାତୀୟ କୃମିନାଶ ଦିବସ

କେନ୍ଦୁଝର, ୧୦।୮(ଡି.ଏନ୍.ଏ.)- କେନ୍ଦୁଝର ସହରସ୍ଥ ମୋଚିବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ଜିଲାସ୍ତରୀୟ କୃମିନାଶ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୃମିନାଶ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ବୁଝାଇଥିଲେ। ଜିଲାପାଳ କୃମିନାଶ ବଟିକା ନିଜେ ଖାଇବା ପରେ ଅନ୍ୟମାନଙ୍କୁ ଖାଇବା ପାଇଁ ପ୍ରବର୍ତ୍ତାଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ ଛାତ୍ରୀଛାତ୍ରଙ୍କୁ କୃମିବଟିକା ସେବନର ଉପାଦେୟତା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଳ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଚିକିତ୍ସା ବିଭାଗର ଡିପିଏମ୍ ଦିଲ୍ଲୀପ କୁମାର ଦୁବେ,ଏସ୍‌ଏମ୍‌ଓ ସନ୍ତୋଷ କୁମାର ସାହୁ,ଡିଏଚ୍‌ଏମ୍ ସଞ୍ଜୀବ ବରଣ ଓଝା ଏବଂ ପିଏଚ୍‌ଏମ୍ ଦେବଦର୍ଶିନୀ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଳ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ କେନ୍ଦୁଝର ଟାଉନରେ ସେକ୍ସ ର୍‍ୟାକେଟର ପର୍ଦ୍ଦାଫାସ

# ୧୧ ଯୁବତୀ ଯୁବକଙ୍କୁ କୋର୍ଟ ଚାଲାଣ

କେନ୍ଦୁଝର, ୧୦।୮(ସ୍ୱ.ପ୍ର./ ଡି.ଏନ.ଏ.)


ଗିରଫ ୬ ଅଭିଯୁକ୍ତ।

ଶୁକ୍ରବାର ସନ୍ଧ୍ୟାରେ କେନ୍ଦୁଝର ଟାଉନ ଥାନା ପୋଲିସ ଚଢାଉ କରି ସେକ୍ସ ର୍‍ୟାକେଟ୍‌ରେ ସମ୍ପୃକ୍ତ ୫ ଯୁବତୀ ଓ ୬ ଯୁବକଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ୬ ଯୁବକଙ୍କୁ ବିଚାରବିଭାଗ ହାଜତକୁ ପଠାଯାଇଥିବା ବେଳେ ଯୁବତୀମାନଙ୍କୁ ସୁଧାରଗୃହକୁ ପଠାଇ ଦିଆଯାଇଛି। ଥାନାଠାରୁ ମାତ୍ର ୫ଶହ ମିଟର ଦୂରରେ ଥିବା ଏକ ଘରେ ଦୀର୍ଘଦିନରୁ ଏହି ଦେହ ବ୍ୟବସାୟ ଚାଲିଥିଲା । କେବଳ ସେହି ଗୋଟିଏ ସ୍ଥାନରେ ନୁହେଁ କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ଏପରି ଦେହ ବ୍ୟବସାୟ ଚାଲିଥିବା ପୋଲିସ ଟାଉନ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛି। ଗିରଫ ଯୁବକମାନେ ହେଲେ କଲେଜ ରୋଡ (ଗମ୍ଭାରିଆ)ର ଅଶ୍ୱିନୀ କୁମାର ନାୟକ, ଠାକୁରପାଟଣାର ବ୍ରଜକିଶୋର ସାହୁ, ହାତିଆଟାଙ୍ଗରର ପ୍ରଭାତ ଦାସ, ମାଧପୁରର ଶିବଶଙ୍କର ଦେ, ଡୁରୁମୁଙ୍ଗାର ଜୟଦୀପ୍ତ ସାହୁ, ସାମନ୍ତରାୟପୁର ସାହିର ଗୋପୀନାଥ ଚୌଧୁରୀ। ଘଟଣାସ୍ଥଳରୁ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି । ଗମ୍ଭାରିଆରେ ରହୁଥିବା ଅଶ୍ୱିନୀ କୁମାର ନାଏକ ହେଉଛନ୍ତି ଉକ୍ତ ର୍‍ୟାକେଟର ମୁଖ୍ୟ । ଡିଏନ୍ ହାଇସ୍କୁଲ ପଛପାର୍ଶ୍ୱ ସାମନ୍ତରାୟପୁର ସାହିରେ ରହୁଥିବା ୫୦ବର୍ଷ ବୟସ୍କ ଗୋପୀନାଥ ଚୌଧୁରୀ ଦଲାଲ ଭାବେ ଏହି ସେକ୍ସ ର୍‍ୟାକେଟ୍ ପାଇଁ କାମ କରନ୍ତି ବୋଲି ପୋଲିସ ସ୍ପଷ୍ଟ କରିଛି ।

ସୂଚନାଯୋଗ୍ୟ, ସବ୍‌ଇନ୍ସପେକ୍ଟର ବିନିତା ଲାକ୍ରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଶୁକ୍ରବାର ଉକ୍ତ ଘରେ ହଠାତ୍ ଚଢାଉ କରିଥିଲା। ଏହି ସମୟରେ ଅସଂଯତ ଅବସ୍ଥାରେ ଥିବା ୫ ଯୁବତୀ ଓ ୬ ଗ୍ରାହକଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୪ ଜଣ ବଙ୍ଗୀୟ ଯୁବତୀ ଥିବାବେଳେ ଆଉ ଜଣେ ଓଡିଆ । ପ୍ରତି ଗ୍ରାହକଙ୍କଠାରୁ ସେମାନେ ୧ହଜାରରୁ ୧୫ଶହ ଟଙ୍କା ନେଉଥିଲେ। ସେହି ଟଙ୍କାରୁ ୫୦ ପ୍ରତିଶତ ଦଲାଲମାନେ ନେଇଯାଉଥିଲେ ବୋଲି ଯୁବତୀମାନେ ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୨୧୨/୧୯) ରୁଜୁ କରାଯାଇଛି । ସଂପୃକ୍ତ ଯୁବତୀମାନଙ୍କୁ ଗିରଫ କରାଯାଇ ପ୍ରଥମେ ସ୍ୱଧାର ଗୃହରେ ରଖାଯାଇଛି । ପରିବାର ଲୋକଙ୍କୁ ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।

■ ନାବାଳକ ବିକ୍ରି ଅଭିଯୋଗ

# ପୋଲିସର ତନାଘନା ପରେ ଉଦ୍ଧାର

ଆନନ୍ଦପୁର, ୧୦।୮(ସ୍ୱ.ପ୍ର.)

ଆନନ୍ଦପୁର ଥାନା ଗୟଳମୁଣ୍ଡା ପଞ୍ଚାୟତ ବାଦୁଡିଘରା ଅଞ୍ଚଳର ସୋରେନ ଦିଗିଙ୍କ ୧୨ ବର୍ଷର ନାବାଳକ ପୁଅଙ୍କୁ ବିକ୍ରି କରାଯାଇଥିବା ନେଇ ଶୁକ୍ରବାର ରାତିରେ ଥାନାରେ ଅଭିଯୋଗ ହୋଇଥିଲା। ସେହି ଅଞ୍ଚଳର ସୋରେନଙ୍କ ସମ୍ପର୍କୀୟ ତଥା ଅଙ୍ଗନୱାଡି କର୍ମୀ ପ୍ରାୟ ୪ ମାସ ତଳୁ ତାଙ୍କର ୩ ଜଣ ନାବାଳକ ପିଲାଙ୍କୁ ଆଶ୍ରମ ସ୍କୁଲରେ ନାମ ଲେଖାଇବା କହି ନେଇଯାଇଥିଲେ। କିଛି ଦିନ ତଳେ ଦୁଇ ଜଣ ନାବାଳକ ଘରକୁ ଫେରିଥିଲେ ସୁଦ୍ଧା ସୋରେନଙ୍କ ପୁଅର ପତ୍ତା ମିଳିନଥିଲା। ଘରକୁ ଫେରିଥିବା ନାବାଳକଙ୍କୁ ସୋରେନ ନିଜ ପୁଅ ସମ୍ପର୍କରେ ପଚାରିବା ସହିତ ଅଙ୍ଗନୱାଡି କର୍ମୀଙ୍କୁ ପଚାରିଥିଲେ ସୁଦ୍ଧା ତାଙ୍କ ପୁଅ ସମ୍ପର୍କରେ କୌଣସି ତଥ୍ୟ ମିଳିନଥିଲା। ଘଟଣାକୁ ନେଇ ସୋରେନ ଆନନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଆନନ୍ଦପୁର ଥାନା ପକ୍ଷରୁ ଘଟଣାର ଅନୁସନ୍ଧାନ ଆରମ୍ଭ ହୋଇଥିଲା। ସୂଚନା ମୁତାବକ ଶୁକ୍ରବାର ବିଳମ୍ବିତ ରାତିରେ ଆନନ୍ଦପୁର ପୋଲିସ ବାଦୁଡିଘରା ଗ୍ରାମରୁ ଅଙ୍ଗନୱାଡି କର୍ମୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଘସିପୁରା ଥାନା ଅନ୍ତର୍ଗତ ପୁରୁଣିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ଏକ କୁକୁଡା ଫାର୍ମରୁ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ପିଲା ଚୋରି କଥାକୁ ଅସ୍ୱୀକାର କରିବା ସହିତ ଅଭିଯୋଗକାରୀ ତାଙ୍କୁ ଅଙ୍ଗନୱାଡି ପୋଷ୍ଟରୁ ହଟାଇବା ଲାଗି ଏଭଳି ଚକ୍ରାନ୍ତ କରିଥିବା ପୋଲିସ ସୂଚନାରୁ ଜଣାପଡିଛି। ଘଟଣା ସମ୍ପର୍କରେ ଆନନ୍ଦପୁର ଥାନା ଆଇଆଇସି ଗଗନ ବିହାରୀ ବିଶ୍ୱାଳ କହିଛନ୍ତି ଯେ, ନାବାଳକଙ୍କୁ ତାଙ୍କ ବାପା ସବୁବେଳେ ମାରଧର କରନ୍ତି। ନାବାଳକର ବଡ ମା' ଯିଏକି ଅଙ୍ଗନୱାଡ଼ି କର୍ମୀ ପୁରୁଣିଆ ଗ୍ରାମରେ ତାଙ୍କ ଧର୍ମ ଭାଇଙ୍କ ଘରେ ତାଙ୍କୁ କିଛି ଦିନ ପାଇଁ ରଖିଥିଲେ। ଯାହାକୁ ନେଇ ବାପା ସୋରେନ ତାଙ୍କ ପିଲାକୁ ବିକ୍ରି କରାଯାଇଥିବା ନେଇ ଅଭିଯୋଗ କରିଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସ୍ଥାନ ଚିହ୍ନଟ


ଜମି ଚିହ୍ନଟ ବେଳେ ଉପସ୍ଥିତ ଅଧିକାରୀ ଓ କମକର୍ତ୍ତା ।

ଚମ୍ପୁଆ, ୧୦।୮(ଡି.ଏନ.ଏ.)

ଚମ୍ପୁଆ ସଦର ମହକୁମାର ରାମଲାଠାରେ ନିର୍ମାଣ ହେବାକୁଥିବା କେନ୍ଦ୍ରୀୟ ବିଦ୍ୟାଳୟର ଆଶା ଚମ୍ପୁଆବାସୀଙ୍କ ମନରୁ ଲିଭିବାକୁ ବସିଥିବା ବେଳେ ଶନିବାର ଜାଗା ଚିହ୍ନଟ ପ୍ରକ୍ରିୟା ଶେଷ କରାଯାଇଛି। ଫଳରେ ପୁଣି କେନ୍ଦ୍ରୀୟ ବିଦ୍ୟାଳୟର ଆଶା ଉଜ୍ଜୀବିତ ହୋଇଛି। ପ୍ରଶାସନ ଓ ବିକାଶ ପରିଷଦର ଉପସ୍ଥିତିରେ ନିରୂପଣ କରାଯାଇଥିବା ସ୍ଥାନରେ ଖୁଣ୍ଟ ପୋତା କାର୍ଯ୍ୟ ଶେଷ କରାଯାଇଛି। ଆଗାମୀ ଦିନରେ ଭୁବନେଶ୍ୱରରୁ ଏକ ଦଳ ଏହି ନିରୂପଣ ସ୍ଥାନ ପରିଦର୍ଶନ କରିବେ ବୋଲି ଜଣାପଡିଛି। ସୂଚନା ଅନୁସାରେ ୨୦୧୬-୧୭ ମସିହାରେ ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ବିଧିବଦ୍ଧ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ତତ୍କାଳୀନ ଉପଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ଆବଶ୍ୟକ ଜମି ଯୋଗାଇଦେବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ପରେ ଚମ୍ପୁଆ ତହସିଲଦାର ନାରାୟଣ ଚନ୍ଦ୍ର ଧଳ ରାମଲାଠାରେ ଜମି ଚିହ୍ନଟ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଆରମ୍ଭ କରିବା ପାଇଁ ଆବଶ୍ୟକ ଶ୍ରେଣୀଗୃହ ଓ ଅଫିସ ଗୃହ ଯୋଗାଇ ଦେବାକୁ ମହାବିଦ୍ୟାଳୟ ଅଧକ୍ଷ ପଦ୍ମନାଭ ପ୍ରଧାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ପରେ କେତେକ ଆନୁଷଙ୍ଗିକ ଅବ୍ୟବସ୍ଥା ପାଇଁ ଏହା ଆରମ୍ଭ କରାଯାଇ ପାରି ନ ଥିଲା। ଶନିବାର ତହସିଲଦାର ଆଲୋକ କୁମାର ପଟେଲ, ବିକାଶ ପରିଷଦର ସଭାପତି ଧନୁର୍ଜୟ ଲାଗୁରୀ, ସାମାଜିକ କର୍ମୀ ଗଣେଶ ଖିଲାର, ସୁବାସ ରାମ, ରାମକୃଷ୍ଣ ଜିତ, ରେଭେନ୍ୟୁ ସୁପରଭାଇଜର ଶୁଭକାନ୍ତ କର, ରବୀନ ପ୍ରଧାନ, ଦିନେଶ ମହାନ୍ତ, ଅମିତାଭ ପ୍ରଧାନ, ଶାନ୍ତନୁ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ଥାନଟିକୁ ସିମେଣ୍ଟ ଖୁଣ୍ଟ ଦ୍ୱାରା ଚିହ୍ନଟ କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଅଢେଇ ଏକର ଜମିର କିସମ ପରିବର୍ତ୍ତନ କରାଯାଇସାରିଛି ଏବଂ ଆଉ ସାଢେ ୫ ଏକର ସ୍ଥାନ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଚିହ୍ନଟ ପରେ ଏହାର ଏକ ମ୍ୟାପ ରାଜ୍ୟ କାର୍ଯ୍ୟାଳୟକୁ ପଠାଯିବା ପରେ ଏକ ଦଳ ଏହି ସ୍ଥାନ ପରିଦର୍ଶନ କରିବେ ବୋଲି ତହସିଲଦାର ପଟେଲ ସୂଚନା ଦେଇଛନ୍ତି।

## ବାଳ ବିକାଶ ଗୁରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବଉଳା, ୧୦।୮(ଡି.ଏନ.ଏ.)

ହାଟଡିହୀ ବ୍ଲକର ସତ୍ୟସାଇସେବା ସମିତି ଆଗରପଡ଼ା ଆନୁକୂଲ୍ୟରେ ମଉଦା ଭଜନମଣ୍ଡଳୀ ସହଯୋଗରେ ସମିତିସ୍ତରୀୟ ବାଳବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଭାତରେ ଓଁକାର ସୁପ୍ରଭାତମ୍, ନଗର ସଙ୍କୀର୍ତ୍ତନ, ଗ୍ରାମ୍ୟ ସଫେଇ, ସାଇ ସବୁଜିମା କାର୍ଯ୍ୟକ୍ରମ, ଚାରାରୋପଣ, ନାରାୟଣ ସେବା ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସଙ୍ଗଠନର ଜିଲା ସଭାପତି ଇଂ ସନାତନ ପାତ୍ରଙ୍କ ସମେତ ଜିଲାର କର୍ମକର୍ତ୍ତା ଯୋଗଦେଇ କୋମଳମତି ବାଳିକାବାଳକଙ୍କୁ ସତ୍ୟସାଇ ବାଳବିକାଶ ଶିକ୍ଷା କାର୍ଯ୍ୟକ୍ରମ ପ୍ରଦାନ କରିଥିଲେ। ବାଳିକାବାଳକ କିଭଳି ସୁନାଗରିକ ହେବେ ଆଧାତ୍ମିକତାର ପରିପୃଷ୍ଟ କରିବା ପାଇଁ ସଚେତନତା କରାଇଥିଲେ । ଏହି ସମୟରେ ଜିଲା ଶିକ୍ଷା ସଂଯୋଜିକା ଗୀତାଞ୍ଜଳି ବେହେରା, ସୀତାକାନ୍ତ ଜେନା, ତରଣୀସେନ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଅରୁଣ କୁମାର ସାହୁ, ମନୋଜ କୁମାର ନାୟକ, ରବୀନ୍ଦ୍ର କୁମାର ବାରିକ, ସୁବାସ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ମହାରଣା, ତ୍ରିଲୋଚନ ପଣ୍ଡା, ଚତୁର୍ଭୁଜ ପହି ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗୋଲାପ ପଢ଼ିଆରୀ, ଗୋପୀନାଥ ଜେନା, ସୁବାସ ଚନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ଜେନା, ବୈଦ୍ୟନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ



ରୋଗୀ କଲ୍ୟାଣ ସମିତି ବୈଠକରେ ଅତିଥି।

ତେଲକୋଇ, ୧୦।୮(ଡି.ଏନ.ଏ.)

ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ୨୦୧୯-୨୦ମସିହାରଖସଡାପ୍ରସ୍ତୁତିକରାଯାଇଛି। ଏହି ବୈଠକରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ରୋଗୀଙ୍କୁ ଉନ୍ନତ ସେବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ଡିଏମଏଫ ଓ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରୁ ଆବଶ୍ୟକ ଅର୍ଥ ମଞ୍ଜୁର ପାଇଁ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ସମେତ ଚିକିତ୍ସାଧିକାରୀ ଡା. ଚନ୍ଦନ ସାମଲ, ଡା. ସୁଧାକର ଖିଲାର, ଡା. ସ୍ୱପ୍ନେଶ୍ୱର ଗଡନାୟକ, ଡା. ଗଣପତି ପ୍ରଧାନ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ବିଡିଓ ପପୁ କୁମାର ସାହୁ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟାରେ ସ୍ୱଚ୍ଛତା ଆବଶ୍ୟକ, ଡାକ୍ତରୀ ଯନ୍ତ୍ରପାତି, ପାନୀୟଜଳ ବ୍ୟବସ୍ଥା, ଡ୍ରେନଜ ବ୍ୟବସ୍ଥା ଏବଂ ୨୪ ଘଣ୍ଟିଆ ବିଦ୍ୟୁତ ସେବା ଅତ୍ୟାବଶକ ବୋଲି ଉକ୍ତ ବୈଠକରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ବୈଠକରେ ସିଡିପିଓଙ୍କ ସମେତ ରୋଗୀ କଲ୍ୟାଣ ସମିତିର ସଦସ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ ।

# ଟ୍ରେଲର ଯିବା ପାଇଁ ଘଣ୍ଟା ଘଣ୍ଟା ବିଦ୍ୟୁତ୍‌କାଟ

## ଉପଭୋକ୍ତା ହଇରାଣ

ଝୁମ୍ପୁରା, ୧୦।୮ (ଡି.ଏନ.ଏ.)



ରାତିରେ ଯାଉଥିବା ଟ୍ରେଲର।

ବର୍ଷା ନାହିଁ ପବନ ନାହିଁ। ଗତ ଶୁକ୍ରବାର ରାତି ୧୦ଟା ବେଳେ, ହଠାତ୍ ଝୁମ୍ପୁରା ଅଞ୍ଚଳର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦିଆଗଲା। ପାଗ ଶୁଖିଲା ଥିବାରୁ ବ୍ୟବସାୟ ପ୍ରତିଷ୍ଠାନର କାର୍ଯ୍ୟାଳୟ, ଡାକ୍ତରଖାନା ସହିତ ସାଧାରଣ ବିଦ୍ୟୁତ ଉପଭୋକ୍ତା ମଧ୍ୟ ସତର୍କ ନ ଥିଲେ। ହଠାତ୍ ବିଦ୍ୟୁତ ବିଚ୍ଛିନ୍ନ ହେବା ପରେ କଣ ହୋଇଛି ଜାଣିବା ପାଇଁ ଲୋକମାନେ ବିଦ୍ୟୁତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ଲାଗି ପଡିଲେ। ବୁଝିବା ବେଳକୁ ସଦର ବ୍ଲକର ବନ୍ଦ ହୋଇଯାଇଥିବା ଏକ ପ୍ଲାଣ୍ଟର ପୁରୁଣା ଯନ୍ତ୍ରାଂଶ ବୋଝେଇ ୩ଟି ୩୨ ଚକ ବିଶିଷ୍ଟ ଟ୍ରେଲରକୁ ଝୁମ୍ପୁରା ବଜାର ଅଞ୍ଚଳ ରାସ୍ତା ଦେଇ ପାର କରିବା ପାଇଁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଛି। ଆଶ୍ଚର୍ଯ୍ୟର କଥା ଟ୍ରେଲର ଗୁଡିକୁ ପାର କରିବା ପାଇଁ ଝୁମ୍ପୁରା ଥାନାର କେତେକ କର୍ମଚାରୀ ଲାଗି ପଡିଥିବାବେଳେ, ନୂତନ ଭାବେ ଝୁମ୍ପୁରା ଥାନାରେ ଯୋଗ ଦେଇଥିବା ଆଇଆଇସିଙ୍କୁ ମଧ୍ୟ କୌଣସି ଖବର ନାହିଁ। ବିନା ସୂଚନାରେ ଏପରି କରାଯାଉଥିବା ନେଇ ଝୁମ୍ପୁରା ନେସ୍କୋ ଜେଇ ଏଲ.ବାରିକ, ଝୁମ୍ପୁରା ଥାନା ଏଏସଆଇ କେ ପେଶାୟତଙ୍କ ସହିତ ଲୋକଙ୍କର ଯୁକ୍ତିତର୍କ ମଧ ହୋଇଥିଲା। ଏସମ୍ପର୍କରେ ଯୋଡାସ୍ଥିତ ନେସ୍କୋର ନିର୍ବାହୀ ଯନ୍ତ୍ରୀ ଏକେ ମହାନ୍ତ ଏବଂ ଝୁମ୍ପୁରା ଥାନା ଆଇଆଇସି ବିରଞ୍ଚି ବାଗ୍‌ଙ୍କୁ ପଚାରିବାରୁ ଏ ବିଷୟରେ ସେମାନେ କିଛି ଜାଣି ନ ଥିବା ପ୍ରକାଶ କରିଥିଲେ।

## ବିଶ୍ୱ ଆଦିବାସୀ ଉତ୍ସବ

ତେଲକୋଇ, ୧୦।୮(ଡି.ଏନ.ଏ.)

ତେଲକୋଇ ମୁଖ୍ୟାଳୟଠାରେ ବିଶ୍ୱ ଆଦିବାସୀ ଦିବସ ଅବସରରେ ସଂଗ୍ରାମୀ ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ଆଦିବାସୀ ସଂଘର ସଦସ୍ୟ ମାନେ ଆସି ଉକ୍ତ ଉତ୍ସବକୁ ପାଳନ କରିଥିଲେ । ଆଦିବାସୀ ଛାତ୍ରୀଛାତ୍ର ସଂଗ୍ରାମୀ ବିର୍ସା ମୁଣ୍ଡା ଛକରେ ଏକତ୍ରିତ ହୋଇ ଜୟଗାନ କରିଥିଲେ । ଏହି ଉତ୍ସବରେ ଥାନା ଅଧିକାରୀ ପଦ୍ମାସିନୀ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଖବରଦାତା ଅନୁକୂଳ ବିଶ୍ୱାଳ ଅନ୍ତର୍ଭୁକ୍ତ ରହିଥିଲେ ।

# ମହିଳାଙ୍କ ମୃତଦେହ ଚିହ୍ନଟ

## ୪୮ ଘଣ୍ଟା ପରେ ମଧ୍ୟ ଅଭିଯୁକ୍ତ ଫେରାର

ହାଟଡ଼ିହୀ, ୧୦।୮ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଣା ଗ୍ରାମର ପ୍ରଦୀପ ମଲ୍ଲିକ ଘର ପଛପଟ ବାଡ଼ିର ମାଟିତଳୁ ଜଣେ ମହିଳାଙ୍କ ମୃତ ଦେହକୁ ପୋଲିସ ଉଦ୍ଧାର କରିବା ପରେ ଚିହ୍ନଟ ହୋଇଛି । ସେ ହେଉଛନ୍ତି ବାଲେଶ୍ୱର ଜିଲା ସୋର ଥାନା ଅଧୀନ ପାଟଣା କୁଆଁରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଝିଅ । ପ୍ରଦୀପ ତାଙ୍କୁ ଭଲପାଇ ଦ୍ୱିତୀୟ ବିବାହ କରିଥିଲେ । ଉଭୟ ଏକ ଯାତ୍ରା ପାର୍ଟିରେ ଥିବା ବେଳେ ପରସ୍ପରକୁ ଭଲପାଇ ବିବାହ କରିଥିଲେ । କିନ୍ତୁ ଏପରି ଘଟଣା କାହିଁକି ଓ କେଉଁ ପରିସ୍ଥିତିରେ ଘଟିଲା ତାହାର ସଠିକ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଉଦ୍ଧାର ମୃତ ଦେହଟି ପ୍ରାୟ ୧୫ ଦିନ ତଳୁ ପୋତାଯାଇଥିବା ଅନୁମାନ କରାଯାଉଛି । ଅଭିଯୁକ୍ତ ପ୍ରଦୀପ ଫେରାର ରହିଛନ୍ତି । ଘଟଣାକୁ ୪୮ ଘଣ୍ଟା ବିତିଥିଲେ ମଧ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି । ଗତ ଗୁରୁବାର ପ୍ରଦୀପଙ୍କ ବାଡ଼ିରୁ ଦୁର୍ଗନ୍ଧ ବାହାରୁଥିବା ଏବଂ ପ୍ରଦୀପଙ୍କ ପତ୍ନୀ ମଧୁସ୍ମିତା ନାୟକ ନିଖୋଜ ଥିବା ନେଇ ଚର୍ଚ୍ଚା ହୋଇଥିଲା । ଏକଥା ଜାଣିବା ପରେ ସ୍ଥାନୀୟ ଗ୍ରାମରକ୍ଷୀ ଗୌରାଙ୍ଗ ଜେନା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୭୩/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତ ଦେହକୁ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ରିପୋର୍ଟ ଆସିବା ପରେ ମହିଳାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଡିଏସପି ରବୀନ୍ଦ୍ର ମଲ୍ଲିକ କହିଛନ୍ତି ଯେ, ମୃତଦେହକୁ ପ୍ରଦୀପଙ୍କ ପରିବାର ଲୋକ ଚିହ୍ନଟ କରିଛନ୍ତି । ମୃତ ଦେହଟି ପ୍ରଦୀପଙ୍କର ସ୍ତ୍ରୀ ବୋଲି ସ୍ପଷ୍ଟ ହୋଇଛି । ଅଭିଯୁକ୍ତ ପ୍ରଦୀପଙ୍କୁ ନିଶ୍ଚିତ ଗିରଫ କରାଯିବ ବୋଲି ସୂଚନା ଦେବା ସହ ହତ୍ୟାକାଣ୍ଡରେ ପ୍ରଦୀପଙ୍କ ସହ ଅନ୍ୟ ବ୍ୟକ୍ତିଙ୍କର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି ।

# 'ମାଟି ଛୁଇଁ ନଥିବା ସୂର୍ଯ୍ୟୋଦୟ' ଲୋକାର୍ପିତ

ହାଟଡ଼ିହୀ, ୧୦।୮ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହଅଁର ଗ୍ରାମର ଯୁବ କବି ଚିତ୍ତରଞ୍ଜନ ନାୟକଙ୍କ କବିତା ସଙ୍କଳନ 'ମାଟି ଛୁଇଁନଥିବା ସୂର୍ଯ୍ୟୋଦୟ' ଲୋକାର୍ପିତ ହୋଇଛି। କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିଲେ । କବି ଡଃ. ଅମୀୟ ରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ କବି ତଥା ପ୍ରଶାସକ ଧନଞ୍ଜୟ ସ୍ୱାଇଁ, ଖ୍ୟାତନାମା ଗାଳ୍ପିକ ଡ. ଅଜୟ ସ୍ୱାଇଁ, ପ୍ରଦୀପ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ବିମଳ ଜେନା, କାଳିପଦ ପଣ୍ଡା, ତ୍ରିଲୋଚନ ମହାନ୍ତି ପ୍ରମୁଖ କବି ମାନେ ଉପସ୍ଥିତ ରହିଥିଲେ। ଏହି ପୁସ୍ତକକୁ ଚିତ୍ତରଞ୍ଜନ ଦିବଂଗତ ପିତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ପ୍ରିୟରଞ୍ଜନ ମହାନ୍ତି, ଆଶିଷ କୁମାର ମିଶ୍ର, ପ୍ରକାଶ ବେହେରା, ପ୍ରଦୀପ ନାୟକ, ପବିତ୍ର ବ୍ରହ୍ମପୁତ୍ର ନାୟକ ପ୍ରମୁଖ କବିତା ପାଠ କରିଥିଲେ। ସନ୍ତୋଷ କୁମାର ପଣ୍ଡା, ସୁବ୍ରତ କୁମାର ନାୟକ, ନଳିନୀକାନ୍ତ ନାୟକଙ୍କ ସମେତ ଚିତ୍ତରଞ୍ଜନଙ୍କ ପରିବାର ବର୍ଗ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ପୁସ୍ତକ ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥି।

# ଅଧକ୍ଷଙ୍କ କାର୍ଯ୍ୟାଳୟରେ ତାଲା ପକାଇଲେ ଛାତ୍ରୀଛାତ୍ର

ପାଟଣା, ୧୦।୮(ସ୍ୱ.ପ୍ର.)



ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତାଲା ପକାଇ ବସିଛନ୍ତି ଛାତ୍ରୀଛାତ୍ର, କର୍ମଚାରୀ।

କେନ୍ଦୁଝର ଜିଲା ପାଟଣା ଥାନା ମାଛଗଡ଼ ମହାବିଦ୍ୟାଳୟରେ ପଚିଚାଳନାଗତ ସମସ୍ୟା ନେଇ ଏବଂ କଲେଜକୁ ଆସୁ ନ ଥିବା ଘଟଣା ପ୍ରତିବାଦରେ ଗୁରୁବାର କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ସୂଚନା ଅନୁଯାୟୀ ମହାବିଦ୍ୟାଳୟର ଅଧକ୍ଷ ଅନୁପସ୍ଥିତ ରହୁଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ ହେଉଛି। ସେ ଦୀର୍ଘଦିନ ଧରି ମହାବିଦ୍ୟାଳୟ ଆସୁ ନ ଥିବା ଉଭୟ ଛାତ୍ରୀଛାତ୍ର, ଅଧାପିକା ଓ ଅଧାପକ ମାନେ କହିଛନ୍ତି। ଏସମ୍ପର୍କରେ ଅଧକ୍ଷଙ୍କୁ ପଚାରିବାରୁ ଜୁଲାଇ ୨୩ରେ ସେ ମହାବିଦ୍ୟାଳୟକୁ ଆସୁଥିବା ବେଳେ ଠାକୁରମୁଣ୍ଡା ନିକଟରେ ଏକ ବସ ଭିତରେ ଜଣେ ଅଣଶିକ୍ଷକ କର୍ମଚାରୀ ଓ ଜଣେ କର୍ମଚାରୀଙ୍କ ପୁଅ ଦରମା ଦେବା ପାଇଁ ମାଡ଼ ମାରିଥିଲେ। ସେଥିଲାଗି ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ପାଟଣା ବିଧାୟକଙ୍କୁ ସେ ଅବଗତ କରାଇବା ସହ ଠାକୁରମୁଣ୍ଡା ଥାନାରେ ଏତଲା ଦେଇଥିଲେ। ମାଡ଼ ମରାଯାଇଥିବାରୁ ଭୟରେ କଲେଜ ଯାଉନାହାନ୍ତି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମାତ୍ର କର୍ମଚାରୀ ଏବଂ ଛାତ୍ରୀଛାତ୍ର ଏହାକୁ ଖଣ୍ଡନ କରିଛନ୍ତି। ଆଗାମୀ ଦିନରେ ସେମାନଙ୍କ ସମସ୍ୟାର ସମସ୍ୟାର ସମାଧାନ ନ ହେଲେ କଲେଜ ମୁଖ୍ୟ ଫାଟକରେ ସେମାନେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ମହାବିଦ୍ୟାଳୟର ସମସ୍ୟା ସମାଧାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।